

ଆଇସିସି ର୍‍ୟାଙ୍କିଂ
ଟପ୍‌ରେ ଅଭିଷେକ, ଇଶାନଙ୍କଠୁ ଛଡ଼ାଇ ନେଲେ ଟି-ଟ୍ୱେଣ୍ଟି ମୁକୁଟ


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୨୬୮ ● ୨୯ ଅକ୍ଟୋବର ୨୦୨୬ ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-268 ● 29th October 2026, Thursday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27


## ବାତ୍ୟା 'ଅର୍ଣ୍ଣବ' ମୁକାବିଲା

# ମହାପ୍ରଭୁଙ୍କ ଆଶୀର୍ବାଦରୁ 'ଜିରୋ କାଜୁଆଲ୍‌ଟି'ରେ ଆମେ ସଫଳ

ଭୁବନେଶ୍ୱର,୨୮।୧୦
ନ୍ୟୁଜ୍‌ବ୍ୟୁରୋ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ 'ଜିରୋ କାଜୁଆଲିଟି' ଲକ୍ଷ୍ୟ ହାସଲରେ ଆମେ ସଫଳ ହୋଇଛୁ। ଏବେସୁଦ୍ଧା କୌଣସି ଜୀବନ ହାନିର ସୂଚନା ନାହିଁ। ବୁଧବାର ସନ୍ଧ୍ୟାରେ ସ୍ୱତନ୍ତ୍ର ରିଲଫ୍ କମିଶନରଙ୍କ କଣ୍ଟ୍ରୋଲ ରୁମ୍‌ରେ ବାତ୍ୟା 'ଅର୍ଣ୍ଣବ' ମୁକାବିଲା ଓ ପରିଚାଳନାର ଉଚ୍ଚସ୍ତରୀୟ ସମୀକ୍ଷା କରିବା ପରେ ଗଣମାଧ୍ୟମ ଆଗରେ ଏଭଳି ବିବୃତି ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ସଙ୍କଟ ସମୟରେ କେନ୍ଦ୍ର ଗୃହମନ୍ତ୍ରୀ



ଅମିତ ଶାହା ମଧ୍ୟ ବାରମ୍ବାର ଟେଲିଫୋନ ଯୋଗେ ତାଙ୍କ ସହ ଆଲୋଚନା କରି ମୁକାବିଲା ଓ ପ୍ରସ୍ତୁତି ସମ୍ପର୍କରେ ତଥ୍ୟ ନେଇଛନ୍ତି। ଓଡ଼ିଶା ସରକାର ପଡ଼ୋଶୀ ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ନିରବଚ୍ଛିନ୍ନ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି।

ରାଜୀବ ଭବନରେ ବାତ୍ୟା 'ଅର୍ଣ୍ଣବ' ମୁକାବିଲା ଓ ପରିଚାଳନାର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମଗ୍ର ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ। ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର (ଏସଆରସି) ରାଜେଶ ପ୍ରଭାକର ପାଟିଲଙ୍କ ଠାରୁ ବାତ୍ୟାର ଗତିପଥ, ସମ୍ଭାବ୍ୟ କ୍ଷୟକ୍ଷତି ଓ ଓଡ଼ିଶାର ଜିଲ୍ଲାଗୁଡ଼ିକ ଉପରେ ଏହାର ବାସ୍ତବ ପ୍ରଭାବ ସମ୍ପର୍କିତ ବିସ୍ତୃତ ରିପୋର୍ଟ ନେଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ସିଧାସଳଖ ଫୋନ୍ ଯୋଗେ ବିଭିନ୍ନ ସମ୍ବେଦନଶୀଳ (ପୃଷ୍ଠା ୭ରେ)

# ଫସଲ କ୍ଷୟକ୍ଷତି ରୋକିବା ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱ



ଭୁବନେଶ୍ୱର,୨୮।୧୦
ନ୍ୟୁଜ୍‌ବ୍ୟୁରୋ

ବାତ୍ୟା 'ଅର୍ଣ୍ଣବ'ର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଶୂନ୍ୟ ଜୀବନହାନି ସୁନିଶ୍ଚିତ କରିବା ସହ ଫସଲ କ୍ଷୟକ୍ଷତିକୁ ସର୍ବନିମ୍ନ ସ୍ତରରେ ରଖିବା ଉପରେ ରାଜ୍ୟପାଳ ବ୍ରଜ ମୋହନ ରାମ ଗୁରୁତ୍ୱାରୋପ କରିଛନ୍ତି।

ବୁଧବାର ଲୋକଭବନଠାରେ ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ସହ ରାଜ୍ୟପାଳ ଆଲୋଚନା କରିଥିଲେ। ରାଜ୍ୟପାଳ ବାତ୍ୟାର ସ୍ଥିତି ଓ ମୁକାବିଲା ପାଇଁ ନିଆଯାଇଥିବା ପ୍ରସ୍ତୁତିମୂଳକ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ଲୋକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଶ୍ରୀ ପାଟିଲ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ।

ଗଜପତି, ମାଲକାନଗିରି ଓ ରାୟଗଡ଼ା ସମେତ ଦକ୍ଷିଣ ଓଡ଼ିଶାର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ବିଷୟରେ ଶ୍ରୀ ପାଟିଲ ସୂଚନା ଦେଇଥିଲେ। ଯଦିଓ ବାତ୍ୟା ସିଧାସଳଖ ଓଡ଼ିଶା ଉପକୂଳରେ ସ୍ଥଳଭାଗ ଛୁଇଁନାହିଁ, ତଥାପି ପ୍ରବଳ ବର୍ଷା ଓ ଏହାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ରାଜ୍ୟରେ (ପୃଷ୍ଠା ୭ରେ)

# କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ



ନୂଆଦିଲ୍ଲୀ,୨୮।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ମହଙ୍ଗା ଭତ୍ତା (ଡିଏ) ଏବଂ ପେନସନଭୋଗୀଙ୍କ ପାଇଁ ମହଙ୍ଗା ସହାୟତା (ଡିଆର)ର ଏକ ଅତିରିକ୍ତ କିସ୍ତିକୁ ମଞ୍ଜୁର କରାଯାଇଛି। ଦରଦାମ ବୃଦ୍ଧିର ଭରଣା କରିବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନର ମୂଳ ଦରମା/ପେନସନର ୬୦% ହାର ଉପରେ ଅତିରିକ୍ତ ୩% ବୃଦ୍ଧି ହୋଇଛି। ବର୍ଦ୍ଧିତ ଡିଏ ଏବଂ ଡିଆର ଜୁଲାଇ ପହିଲା ୨୦୨୬ ଠାରୁ ଲାଗୁ ହେବ।

ମହଙ୍ଗା ଭତ୍ତା (ପୃଷ୍ଠା ୭ରେ)

# ୧୮ରୁ ବିଧାନସଭାର ଶୀତ ଅଧିବେଶନ

ଭୁବନେଶ୍ୱର,୨୮।୧୦
ନ୍ୟୁଜ୍‌ବ୍ୟୁରୋ

ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତା ୧୮ତାରିଖରୁ ଆରମ୍ଭ ହେବ। ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ୩୧ଟି କାର୍ଯ୍ୟଦିବସ ରହିଛି। ଅଧିବେଶନର ପ୍ରଥମଦିନରେ ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷର ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି।

ବିଧାନସଭା ସଚିବାଳୟ ପକ୍ଷରୁ ଜାରି କାର୍ଯ୍ୟସୂଚୀ ଅନୁସାରେ, ସପ୍ତଦଶ ଓଡ଼ିଶା ବିଧାନସଭାର ଅଷ୍ଟମ ଅଧିବେଶନ ଆସନ୍ତା



ନଭେମ୍ବର ୧୮ ତାରିଖ ବୁଧବାରଠାରୁ ୪୪ ଦିନ ଅର୍ଥାତ୍ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବଧି ମଧ୍ୟରେ ମୋଟ ୩୧ଟି କାର୍ଯ୍ୟଦିବସ ରହିଛି।

ବିଜ୍ଞପ୍ତି ଅନୁସାରେ, ଅଧିବେଶନର ପ୍ରଥମ ଦିନ ଅର୍ଥାତ୍ ନଭେମ୍ବର ୧୮ତାରିଖରେ ୨୦୨୬-୨୦୨୭ (ପୃଷ୍ଠା ୭ରେ)




## ଆଜିର ମୁଖ୍ୟ ଖବର

- ଆନ୍ଧ୍ରପ୍ରଦେଶ ଉପକୂଳରେ ଘୂର୍ଣ୍ଣିଝଡ଼ର ସ୍ଥଳଭାଗ ପ୍ରବେଶ, ପ୍ରବଳ ବର୍ଷା ଓ ଝଡ଼ ପବନର ତାଣ୍ଡବ।
- କୋରାପୁଟରେ ବାତ୍ୟା ଆଶ୍ରୟ ସ୍ଥଳୀ ଓ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ।
- ମେଘାଳୟରେ ୩.୧ ଏବଂ ଆସାମରେ ୨.୭ ତୀବ୍ରତାର ଭୂମିକମ୍ପ ଅନୁଭୂତ।
- ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ୩୦ ଅକ୍ଟୋବରରେ ସାର୍ବଜନୀନ ମହାଭିଯୋଗ କାର୍ଯ୍ୟକ୍ରମ କରିବ ବିରୋଧୀ ଇଣ୍ଡି ମେଣ୍ଟ।
- ଓଡ଼ିଶାରେ ବର୍ଷାର ପ୍ରକୋପ: ଗଜପତିର ମହେନ୍ଦ୍ରଗଡ଼ରେ ସର୍ବାଧିକ ୨୪୯.୯ ମିମି ବର୍ଷା ରେକର୍ଡ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୯୫ (+୬୬)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୧୯୫ (+୬୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୭୯୬ (+୩୯)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୨୦ (+୦)

## ଏକାଳ ପଖାଳ



ବରଷା ବନ୍ୟା ବାତ୍ୟା ହେଲେ
ଭାଙ୍ଗେ ଝାଟି ମାଟି ଘର
ଆବାସ ଯୋଜନା ପ୍ରବାସେ କି ଅଛି
ଯୋଗ୍ୟ ଲୋକ ହୁଏ ଛାର
ଥିଲାବାଲା ପାଏ ବର
ଅସଲି ଗରିବ ଭାଗ୍ୟ ଶୂନ
ପାଣିରେ ପଡୁଛି ସର !!

# ଦୁଇ ଦ୍ରୁତଗାମୀ ଟ୍ରେନ୍ ମଧ୍ୟରେ ଧକ୍କା : ୪୬ ମୃତ



ମାଡ୍ରିଡ୍,୨୮।୧୦

ଭୟଙ୍କର ଟ୍ରେନ୍ ଦୁର୍ଘଟଣା। ପରସ୍ପର ସହ ପିଟି ହେଲେ ଦୁଇଟି ଦ୍ରୁତଗାମୀ ଟ୍ରେନ। ଗୋଟିଏ ଟ୍ରାକ୍‌ରେ ଦୁଇଟି ଟ୍ରେନ ସମାନ ସମୟରେ ଆସିଯିବାରୁ ଘଟିଛି ଏତେ ବଡ଼ ଘଟଣା। ଏଥିରେ ୪୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଲୋକ ଆହତ ହୋଇଛନ୍ତି।

ସେହିପରି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଦୁଇଟି ଯାକ ଟ୍ରେନର ଏକାଧିକ ବଗି ଲାଇନ୍ ଠାରୁ ଯଥେଷ୍ଟ ଦୂରକୁ ଛିଟିକି ହୋଇ ପଡ଼ିଥିଲା। ସ୍ପେନର ଟୋଲେଡୋ ଠାରେ ଏପରି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ପରେ ଉଦ୍ଧାରକାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ସ୍ଥିତିକୁ ଦେଖି ମାଡ୍ରିଡ-ଆଣ୍ଡାଲୁସିଆ ଲାଇନରେ ସମସ୍ତ ସେବାକୁ ବାତିଲ କରାଯାଇଛି।

ସ୍ଥାନୀୟ ସମୟ ସକାଳ ୯ଟା। ହଠାତ୍ ମୋରା ଓ ଓରଗାଜ ନିକଟ ସହରରେ ଦେଇ ଯାଇଥିବା ରେଳ ଟ୍ରାକ୍‌ରେ ଘଟିଥିଲା ଏହି ଅଘଟଣ। ରେନଫେ ଓ ଇରୟୋ ନାମକ ଦୁଇଟି ହାଇସ୍ପିଡ ଟ୍ରେନ ପରସ୍ପର ସହ ପିଟି ହୋଇ ଯାଇଥିଲେ। ଉଭୟ ଟ୍ରେନ ମାଡ୍ରିଡ-ସେଭିଲ୍ଲେ ରୁଟ୍‌ରେ ଚଳାଚଳ କରନ୍ତି। ପରସ୍ପର ସହ ଧକ୍କା ହେବାରୁ ଇରୟୋ ଟ୍ରେନର ଏକାଧିକ ବଗି ଲାଇନଚ୍ୟୁତ ହୋଇଯାଇଥିବା ଆଞ୍ଚଳିକ ସରକାରର ମୁଖପାତ୍ର ସୂଚନା ଦେଇଛନ୍ତି। ତାଙ୍କ କହିବା କଥା ଦୁର୍ଘଟଣାର କାରଣ ଏଯାଏ ଜଣାପଡ଼ିନାହିଁ। ଘଟଣାର ଯାଞ୍ଚ କରାଯାଉଛି। (ପୃଷ୍ଠା ୭ରେ)

# ଭାରତ-ଆମେରିକା ପ୍ରତିରକ୍ଷା ଢାଞ୍ଚାର ଅଗ୍ରଗତି ଉପରେ ଗୁରୁତ୍ୱାରୋପ

ନୂଆଦିଲ୍ଲୀ,୨୮।୧୦

ଫିଲିପାଇନ୍ସରେ ଆୟୋଜିତ ୧୩ତମ ଏଡିଏମ୍‌ଏମ୍-ପ୍ଲସ୍ ବୈଠକ ଅବସରରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆମେରିକାର ଯୁଦ୍ଧ ସଚିବ ପିଟ୍ ହେଗସେଥ୍‌ଙ୍କ ସହ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଭାରତ-ଆମେରିକା ପ୍ରତିରକ୍ଷା ସମ୍ପର୍କର ସମୀକ୍ଷା କରାଯିବା ସହ ଏହାକୁ ଆହୁରି ଆଗକୁ ବଢ଼ାଇବାର ଉପାୟ ଉପରେ ଚର୍ଚ୍ଚା ହୋଇଛି।

ଫିଲିପାଇନ୍ସର ସେବୁ ସହରରେ ଆୟୋଜିତ ଏହି ସମ୍ମିଳନୀ ଅବସରରେ ହୋଇଥିବା ବୈଠକରେ ଉଭୟ ନେତା ୧୦ ବର୍ଷୀୟ ପ୍ରତିରକ୍ଷା ସହଯୋଗ ଢାଞ୍ଚା ଅଧୀନରେ ସାମରିକ ପ୍ରଯୁକ୍ତିବିଦ୍ୟା, ସୂଚନା ଆଦାନପ୍ରଦାନ ଏବଂ ମିଳିତ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇଥିଲେ। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଭାଗିତାକୁ ଆହୁରି ମଜଭୁତ କରିବା ଏହି ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ହେଗସେଥ୍‌ଙ୍କ ସହ ଆଲୋଚନାକୁ 'ଅତ୍ୟନ୍ତ ଭଲ' ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ଏଡିଏମ୍‌ଏମ୍-ପ୍ଲସ୍ ବୈଠକ ଅବସରରେ ଅଷ୍ଟ୍ରେଲିଆର ଉପପ୍ରଧାନମନ୍ତ୍ରୀ ତଥା ପ୍ରତିରକ୍ଷା ମନ୍ତ୍ରୀ ରିଚାର୍ଡ ମାର୍ଲେସଙ୍କୁ ଭେଟି ମଧ୍ୟ ସେ ଖୁସି ଅନୁଭବ କରିଛନ୍ତି। ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗର ସମୀକ୍ଷା, ସାମରିକ କାର୍ଯ୍ୟକ୍ଷମତାରେ ସମନ୍ୱୟ ବୃଦ୍ଧି ଏବଂ ଆଞ୍ଚଳିକ ସୁରକ୍ଷା ଆହ୍ୱାନର ସମାଧାନ ନେଇ ଉଭୟ ପକ୍ଷ ମଧ୍ୟରେ ଭଲ ଆଲୋଚନା ହୋଇଥିଲା।

ସେ ଆହୁରି କହିଛନ୍ତି ଯେ ଭାରତ-ଆମେରିକାର ୧୦ ବର୍ଷୀୟ ପ୍ରତିରକ୍ଷା ସହଯୋଗ ଢାଞ୍ଚାର ଅଗ୍ରଗତିର ସମୀକ୍ଷା କରାଯାଇଛି। ଏହାଦ୍ୱାରା ସାମରିକ ପ୍ରଯୁକ୍ତିବିଦ୍ୟା, ସୂଚନା ଆଦାନପ୍ରଦାନ ଏବଂ ମିଳିତ ଉତ୍ପାଦନ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ରଣନୈତିକ ସମନ୍ୱୟ ବୃଦ୍ଧି ପାଇଛି।

# ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥାର ସୁରକ୍ଷା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୮।୧୦
ନ୍ୟୁଜ୍‌ବ୍ୟୁରୋ

ସହରାଞ୍ଚଳରେ ଜଳବନ୍ଦୀ ଓ ବନ୍ୟା ସମସ୍ୟା ହ୍ରାସ କରିବା ସହ ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥା ଓ ଜଳାଶୟଗୁଡ଼ିକର ସୁରକ୍ଷା ପାଇଁ ଏକ ରାଜ୍ୟବ୍ୟାପୀ ଢାଞ୍ଚା ପ୍ରସ୍ତୁତ କରିବାକୁ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରସ୍ତାବ ରହିଛି। ଏହି ପ୍ରସ୍ତାବରେ ପ୍ରାକୃତିକ ଜଳ ନିଷ୍କାସନ ପଥ, ଜଳାଶୟ, ଆର୍ଦ୍ରଭୂମି ଓ ବନ୍ୟାଜଳ ସଂରକ୍ଷଣ କ୍ଷେତ୍ରଗୁଡ଼ିକର ଚିହ୍ନଟ, ସୁରକ୍ଷା, ପୁନରୁଦ୍ଧାର ଓ ନିୟମିତ ନିରୀକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି।

ଏ ସଂକ୍ରାନ୍ତୀୟ ପ୍ରସ୍ତାବିତ ମାନକ କାର୍ଯ୍ୟପଦ୍ଧତି (ଏସ୍‌ଓପି) ଉପରେ ଆଲୋଚନା ପାଇଁ ବୁଧବାର ଭୁବନେଶ୍ୱରସ୍ଥିତ ଖାରବେଳଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ଶ୍ରୀମତୀ ପାଢ଼ୀ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଅଞ୍ଚଳରେ ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥାର ସୁରକ୍ଷା ପାଇଁ ଏକ ସମନ୍ୱିତ ଓ ବୈଜ୍ଞାନିକ ଆଭିମୁଖ୍ୟ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜଳ ନିଷ୍କାସନ ପଥ, ପୋଖରୀ, ଆର୍ଦ୍ରଭୂମି ଓ ଅନ୍ୟାନ୍ୟ ବନ୍ୟାଜଳ ସଂରକ୍ଷଣ କ୍ଷେତ୍ରଗୁଡ଼ିକର ବ୍ୟବସ୍ଥିତ ଚିହ୍ନଟ ଓ ମାନଚିତ୍ର ପ୍ରସ୍ତୁତି ନିଶ୍ଚିତ କରିବାକୁ ସେ ସମ୍ପୃକ୍ତ (ପୃଷ୍ଠା ୭ରେ)




32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ଅକ୍ଟୋବର ୨୦୨୬ ଗୁରୁବାର





## ସଚ୍ଚୋଟତାର ସହ କାର୍ଯ୍ୟ କରିବାକୁ ଶପଥ ନେଲେ ଅଧିକାରୀ ଓ କର୍ମଚାରୀ





**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଆଜି ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ଦୁର୍ନୀତି ନିବାରଣ ସଚେତନତା ସପ୍ତାହର ବିଷୟବସ୍ତୁ ହେଉଛି 'ସାଧୁତାରୁ ସମୃଦ୍ଧି'। ଏହି ଅବସରରେ ଜିଲ୍ଲାପାଳ ଦେବାଶିଷ ସିଂ, ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷାରାଣୀ ଦାସଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି 'ନାଗରିକଙ୍କ ପାଇଁ ସାଧୁତାର ଶପଥ' ପାଠ କରିଥିଲେ। ସରକାରୀ ସେବାରେ ସ୍ୱଚ୍ଛତା ଓ ଦାୟିତ୍ୱବୋଧ ବଜାୟ ରଖିବା ସହ ଦୁର୍ନୀତିମୁକ୍ତ ବ୍ୟବସ୍ଥା ଗଠନ କରିବା ଉଦ୍ଦେଶ୍ୟରେ ଏହି ଶପଥ ପାଠ କରାଯାଇଥିଲା। ପଠିତ ଶପଥରେ ଉଲ୍ଲେଖ କରାଯାଇଥିଲା ଯେ, ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ଏକ ବଡ଼ ପ୍ରତିବନ୍ଧକ। ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସରକାର, ନାଗରିକ ଓ ଘରୋଇ କ୍ଷେତ୍ରକୁ ମିଳିତ ଭାବେ କାର୍ଯ୍ୟ କରିବାକୁ ହେବ। ଅଧିକାରୀ ଓ କର୍ମଚାରୀମାନେ ସତର୍କତା ଓ ସତ୍ୟନିଷ୍ଠାର ସହ ଦୁର୍ନୀତି ବିରୋଧରେ ଲଢ଼ିବା ଏବଂ ଆଇନର ଶାସନକୁ ଅନୁପାଳନ କରିବାକୁ ଶପଥ ନେଇଥିଲେ। ସେମାନେ ଲାଞ୍ଚ ନ ଦେବା କିମ୍ବା ନ ନେବା, ନିଜର ସମସ୍ତ ଦାୟିତ୍ୱକୁ ନିଷ୍ଠା ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବା ଏବଂ ଜନସାଧାରଣଙ୍କ ହିତରେ କାର୍ଯ୍ୟ କରିବାକୁ ପ୍ରତିଜ୍ଞା କରିଥିଲେ। ଏଥିସହ ନିଜ ବ୍ୟକ୍ତିଗତ ଆଚରଣରେ ସାଧୁତା ବଜାୟ ରଖିବା ଏବଂ ଦୁର୍ନୀତି ସମ୍ପର୍କିତ କୌଣସି ଘଟଣା ଦୃଷ୍ଟିକୁ ଆସିଲେ ତାହା ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ମଧ୍ୟ ଶପଥ ନେଇଥିଲେ। ଏହା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ମଧ୍ୟ ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସମସ୍ତ ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଓ ଅନ୍ୟ କର୍ମଚାରୀ ଉପସ୍ଥିତ ରହି ଶପଥ ପାଠ କରିଥିଲେ। ଜିଲ୍ଲାର ଉଭୟ ଉପଖଣ୍ଡ ର ସମସ୍ତ ସରକାରୀ କାର୍ଯ୍ୟାଳୟରେ ମଧ୍ୟ ଅଧିକାରୀ ଓ କର୍ମଚାରୀମାନେ ସାଧୁତାର ଶପଥ ପାଠ କରିଥିଲେ।

## ବସ୍ତାରେ ୧୦୭ ଅଭିଯୋଗ ଫର୍ଦ୍ଦ ଦାଖଲ

**ବାଲେଶ୍ୱର , ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲାର ବସ୍ତା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବସ୍ତା ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୦୭ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୯୪ ଗୋଟି ବ୍ୟକ୍ତିଗତ ଓ ୧୨ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୧ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୦୬ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।

## ଉଲୁଣ୍ଡାରେ ଅଭିଯୋଗ ଶୁଣାଣି ୫୭ଟି ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଦେବାଶିଷ ସିଂ ଓ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୫୭ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୯ଟି ବ୍ୟକ୍ତିଗତ ଏବଂ ୦୮ଟି ସାମୂହିକ ଦରଖାସ୍ତ ଥିଲା। ଏଥିମଧ୍ୟରୁ ୫ଟି ଅଭିଯୋଗର ଜନଶୁଣାଣୀ ସ୍ଥଳରେ ସମାଧାନ କରାଯାଇଥିଲା। ବାକି ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହି ଅବସରରେ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ ସୁରେନ୍ଦ୍ର ମେହେର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଉଷାରାଣୀ ଦାସ, ଉଲୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ ବାଡା ପ୍ରମୁଖ ମଞ୍ଚାସୀନ ଥିଲେ।ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ତାଙ୍କର ବ୍ଲକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



## କଣ୍ଟାପଡାରେ ୧୪୫ ଅଭିଯୋଗରୁ ୫୪ଟିର ତ୍ୱରିତ ସମାଧାନ

**କଟକ, ନ୍ୟୁଜ୍ ବ୍ୟୁରୋ**



ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ଓ ସରକାରୀ ସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ କଟକ ଜିଲ୍ଲାର କଣ୍ଟାପଡ଼ା ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ମୋଟ ୧୪୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୧୩୯ଟି ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ଅଭିଯୋଗ ରହିଥିଲା। ସେଥିମଧ୍ୟରୁ ୫୪ଟି ଅଭିଯୋଗର ତ୍ୱରିତ ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଶୁଣାଣି କରି ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ କୃଷି, ଶିକ୍ଷା, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ, ଭିନ୍ନକ୍ଷମଙ୍କ ସମସ୍ୟା ଏବଂ ବିଭିନ୍ନ ସାମାଜିକ ସୁରକ୍ଷା ଭତ୍ତା ସମ୍ପର୍କିତ ଅଭିଯୋଗ ଉପସ୍ଥାପନ କରାଯାଇଥିଲା। ଅଭିଯୋଗଗୁଡ଼ିକର ଗୁରୁତ୍ୱକୁ ବିଚାରକୁ ନେଇ ଲୋକଙ୍କ ସମସ୍ୟାର ଶୀଘ୍ର ସମାଧାନ ନିମନ୍ତେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ କୁହାଯାଇଥିଲା। ଏହି ଜନ ଅଭିଯୋଗ ଶୁଣାଣିରେ ଆରକ୍ଷୀ ଅଧୀକ୍ଷକ ବିନୀତ ଆଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ, ଆସନ୍ତା ନଭେମ୍ବର ୨ ତାରିଖରେ ନରସିଂହପୁର ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ପରବର୍ତ୍ତୀ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**



ରମ୍ଭା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଖଣ୍ଡଦେଉଳି ଆନୁକୂଲ୍ୟରେ, ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା. ସୌମ୍ୟକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମାନସିକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ବ୍ରହ୍ମପୁର ଏମ କେ ସି ଜି ମେଡିକାଲର ମାନସିକ ରୋଗ ବିଶେଷଜ୍ଞା ଡ଼ା. ଶର୍ମିଷ୍ଠା ପ୍ରିୟଦର୍ଶିନୀ ଉକ୍ତ ଶିବିରରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଅନେକ ମାନସିକ ରୋଗୀଙ୍କ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏତଦ ବ୍ୟତୀତ ମାନସିକ ରୋଗୀଙ୍କର ଲକ୍ଷଣ, କାର୍ଯ୍ୟକଳାପ, ବିକୃତି ମନୋଭାବ ଭଳି ଅନେକ ପ୍ରକାର ସମସ୍ୟାର ଶିକାର ହୋଇଥିବା ରୋଗୀଙ୍କ ଉପରେ ବିଶେଷ ଆଲୋଚନା କରାଯାଇଥିଲା। ମାନସିକ ରୋଗୀଙ୍କ ବିଷୟରେ ଡ଼ା. ଶର୍ମିଷ୍ଠା ବିଭିନ୍ନ ଉଦାହରଣ ମାଧ୍ୟମରେ ସୁନ୍ଦର ଭାବରେ ବୁଝାଇଥିଲେ। ରମ୍ଭା ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିରର ଡ଼ା. ଅଦ୍ୱିତୀୟା ଏଲିଆ, ଡାକ୍ତର ମୀରାବାଇ ପଣ୍ଡା, ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷାରେ ସହଯୋଗ କରିଥିଲେ। ସଂଯୁକ୍ତା ରାଣୀ ଜେନା, ସିମାଞ୍ଚଳ ପ୍ରଧାନ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ସୁପରିଚାଳନା କରିଥିଲେ। ଏଥିରେ ବ୍ରହ୍ମପୁରରୁ ଦୀପକ କୁମାର ଦିଗଲ, ଶିବ ଶଙ୍କର ସାହୁ, ଗୁରୁ ଶଙ୍କର ନାୟକ ମାନସିକ ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ କରିଥିଲେ। ନରସିଂହ ପାତ୍ର, ମନୋଜ ବେହେରା କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ଏଥିରେ ରମ୍ଭାର ପ୍ରତେକ ୱାର୍ଡର ଆଶା କର୍ମୀ ମାନେ ଯୋଗଦେଇଥିଲେ ପୁନଶ୍ଚ ଏହି ଶିବିର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଖଣ୍ଡାଦେଉଳିରେ ଅକଟୋବର ମାସ ୩୦ ତାରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହବାକୁ ଯାଉଛି, ମାନସିକ ଚାପ ଯୋଗୁଁ କିମ୍ବା ଅନ୍ୟ କୌଣସି କାରଣରୁ ମାନସିକ ରୋଗ ବୋଲି ସନ୍ଦେହ କରୁଥିବା ବ୍ୟକ୍ତି ଏହି ଶିବିରରେ ମାଗଣାରେ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା କରେଇ ନେବାକୁ ସ୍ୱାସ୍ଥ୍ୟ ଅଧିକାରୀଙ୍କ ତରଫରୁ ଅନୁରୋଧ କରାଯାଇଛି। ଏହିପରି କାର୍ଯ୍ୟକ୍ରମ ଆଗକୁ ଜାରି ରହିଲେ ଅନେକ ମାନସିକ ରୋଗୀ ନିଶ୍ଚୟ ଉପକୃତ ହେବେ। ସ୍ୱାସ୍ଥ୍ୟ ବିଭାଗର ଏହି ପଦକ୍ଷେପକୁ ସମସ୍ତେ ସ୍ୱାଗତ କରିଛନ୍ତି।

## ଆମ୍ବେଦକରଙ୍କ ଆଦର୍ଶ ସହ ସଂସ୍କୃତିର ମହାମିଳନ

**ବରଗଡ, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଫଟାମୁଣ୍ଡା ଗ୍ରାମରେ ସ୍ଥାନୀୟ ଡ. ଭୀମରାଓ ଆମ୍ବେଦକର ଯୁବକ ସଂଘ ପକ୍ଷରୁ ୧୪ତମ ଟିହିଲି ଉତ୍ସବ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ପୂଜାର୍ଚ୍ଚନା, ସଭା, ସମ୍ବର୍ଦ୍ଧନା, ସଙ୍ଗୀତ, ନୃତ୍ୟ ଓ ନାଟକ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉତ୍ସବର ଶୁଭାରମ୍ଭରେ ଗ୍ରାମର ଝାଙ୍କର ଟିହିଲି ଡୁଙ୍ଗୁରିଠାରେ ପୂଜାର୍ଚ୍ଚନା କରିଥିଲେ। ପରେ ନାଟ୍ୟକାର ଅଶୋକ କୁମାର ବହିଦାରଙ୍କ ସଂଯୋଜନାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ନାଟ୍ୟକାର ପ୍ରଫେସର କେଶରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଶ୍ରୀପତି କୁମ୍ଭାର ମୁଖ୍ୟ ଅତିଥି ଏବଂ ମନ୍ଦାକିନୀ ମଲ୍ଲିକ ଓ ସୁରେଖା ଭୁଏ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଦୀପ ପ୍ରଜ୍ୱଳନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଂଘର ସମ୍ପାଦକ ରଜନୀକାନ୍ତ ସୁନା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା ସଂକଳ୍ପ ପରିବାର, ବରଗଡ଼ ଫିଡ୍ ଅନୁଷ୍ଠାନ, ଗୀତାଞ୍ଜଳି ପୋଡ଼, ମିନା ବାଗ, ଲକ୍ଷ୍ମୀଧର ମୁର୍ମୁ, ସମୀତାରାଣୀ ବାଗ ଓ ଦିଲ୍ଲୀପ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଅତିଥିମାନେ ସମ୍ବିଧାନ ପ୍ରଣେତା ଡ. ଆମ୍ବେଦକରଙ୍କ ଜୀବନୀ, ଆଦର୍ଶ ଓ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ସଂଘର ସଭାପତି ଗୋପବନ୍ଧୁ ଶିକା ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ରମେଶ ଗୁର୍ଲାଙ୍କ ତତ୍ତ୍ୱାବଧାନରେ ଏବଂ ଗଣେଶ ମେହେର ଓ ସୋନାଲିକା ଶବରଙ୍କ ଉଦ୍‌ଘୋଷଣାରେ ରଙ୍ଗାରଙ୍ଗ ସାଂସ୍କୃତିକ ସନ୍ଧ୍ୟା ଆୟୋଜିତ ହୋଇଥିଲା। ଗୀତାଞ୍ଜଳି ପୋଡ଼, ରେଣୁରଞ୍ଜନ ବାଗ, ମିନା ବାଗ ଓ ଗୁଡୁଙ୍କ ସମ୍ବଲପୁରୀ ସଙ୍ଗୀତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏଥିସହ କଟକର ନଟରାଜ ନୃତ୍ୟ ଦଳ ଏକାଡେମୀ, ରାୟଗଡ଼ର ଢେମସା ନୃତ୍ୟ ଦଳ, ବରଗଡ଼ର ଫୁଲଗଜରା ଏବଂ ବିଜେପୁରର ଏକ ନୃତ୍ୟ ଦଳ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ଉତ୍ସବର ଶେଷ ପର୍ଯ୍ୟାୟରେ ପଦ୍ମପୁରର 'ଲୁ' ନାଟ୍ୟ ଅନୁଷ୍ଠାନ ପକ୍ଷରୁ ପ୍ରଫେସର କେଶରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶନାରେ 'ଅନ୍ଧାରରୁ ଉକିଆ' ନାଟକ ମଞ୍ଚସ୍ଥ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକମାନେ ସମସ୍ତ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଉତ୍ସବର ସଫଳ ଆୟୋଜନରେ ବିଶ୍ୱାମିତ୍ର କୁମ୍ଭାର, ଅଞ୍ଜଳି ପରିଡ଼ା, ଦିନବନ୍ଧୁ ବାରିକ, ତ୍ରିଲୋଚନ, ବିକ୍ରମ ପ୍ରଧାନ, ଶଶୀ, ସନ୍ତୋଷ, ରମେଶ, ରାଜେଶ, ବିନୟ, ଉମେଶ, ଭକ୍ତ, ରଙ୍ଗାଧର, ରାଜୁ, ରଞ୍ଜନ, ବେଣୁପାଣି ଓ ହିମାଞ୍ଚଳଙ୍କ ସମେତ ସଂଘର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ବିଭିନ୍ନ ପର୍ଯ୍ୟାୟରେ ପ୍ରିତେଶ ବହିଦାର, କ୍ଷୀରସିନ୍ଧୁ ସୁନା ଓ ରାମଚନ୍ଦାନୀ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ ।



## ବହୁଜନ ସମାଜ ପାର୍ଟିର ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବହୁଜନ ସମାଜ ପାର୍ଟି ଶାଖା ତରଫରୁ ଏକ ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ଜିଲ୍ଲା ସଭାପତି କ୍ଷୀରୋଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବହୁଜନ ସମାଜ ପାର୍ଟି ରାଜ୍ୟ ସାଧାରଣ ସମ୍ପାଦକ ମଧୁସୁଦନ ଯାଦବ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ବରିଷ୍ଠ ଆଇନ୍‌ଜିବୀ ରାଜ୍ୟ ସାଧାରଣ ସମ୍ପାଦକ ତଥା ଭଦ୍ରକ ଜୋନ୍ ମୁଖ୍ୟ ପ୍ରଭାରୀ ରଞ୍ଜନ କୁମାର ମଲ୍ଲିକ ମୁଖ୍ୟ ବକ୍ତା, ଆଇନ୍‌ଜିବୀ ପୂର୍ବତନ ରାଜ୍ୟ ସମ୍ପାଦକ ଲୋକସଭା ପ୍ରଭାରୀ କେନ୍ଦ୍ରାପଡା ଅକ୍ଷୟ କୁମାର ମଲ୍ଲିକ ସମ୍ମାନୀତ ଅତିଥି, ଅଶୋକ କୁମାର ସେଠୀ,ମଳୟ କେତନ ଦାସ, ସମ୍ପାଦିକା ରଶ୍ମିତା ବିଶ୍ୱାଳ, ଦିଲ୍ଲୀପ ରାଉତରାୟ, ଜିଲ୍ଲା ଉପସଭାପତି, ପାଟକୁରା ବିଧାନସଭା ପ୍ରଭାରୀ କିଶୋର ମଲ୍ଲିକ, ମଧୁସୁଦନ ହୋତା ପ୍ରମୁଖ ଯୋଗଦେଇ ବହୁଜନ ସମାଜ ପାର୍ଟିର କର୍ମକର୍ତ୍ତା ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନ କରାଯାଇଥିଲା। ଦଳକୁ ଆଗେଇ ନେବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବହୁଜନ ସମାଜ ପାର୍ଟି ଦଳିତ ଓ ସଂଖ୍ୟାଲଘୁ ମାନଙ୍କ ଉନ୍ନତି ପାଇଁ ସର୍ବଦା କାର୍ଯ୍ୟ କରି ଆସୁଛି। ଦଳର ଉନ୍ନତି ନିମନ୍ତେ ସମସ୍ତ କର୍ମକର୍ତ୍ତା ନିଜ ସ୍ତରରେ ଚେଷ୍ଟା କରିବା ପାଇଁ ମୁଖ୍ୟ ବକ୍ତା ମଲ୍ଲିକ ଆହ୍ୱାନ ଦେଇଥିଲେ। ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ବିଦୁର ବିଶ୍ୱାଳ, ଧୀରେନ୍ଦ୍ର ମଲ୍ଲିକ, ପ୍ରଦୀପ ମଲ୍ଲିକ, ଅନିଲ୍ ଘଡାଇ, ଚର୍ତୁଭୁଜ କାଣ୍ଡି, ମିନତୀ ମଲ୍ଲିକ ପ୍ରମୁଖ ଉପସ୍ତିତ ଥିବାବେଳେ ଶୁଶାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



## ପ୍ରତିଶ୍ରୁତି ପତ୍ରିକା ପରିବାରର ଶିଶୁ କବିତା ସଂକଳନ ଲୋକାର୍ପଣ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ପ୍ରତିଶ୍ରୁତି ପତ୍ରିକା ପରିବାର ଆନୁକୂଲ୍ୟରେ ସ୍ଥାନୀୟ ବୁଦ୍ଧ ମନ୍ଦିର, ଭୁବନେଶ୍ୱର ପ୍ରାଙ୍ଗଣରେ ପତ୍ରିକା ପରିବାରର କାର୍ଯ୍ୟକାରୀ ସଭାପତି କବି ମିନାକ୍ଷୀ ଦ୍ୱିବେଦୀଙ୍କ ଶିଶୁ ଓ କବିତା ସଂକଳନ ଯଥାକ୍ରମେ ରୁମକୁ ଝୁମାନା, ଅବ୍ୟକ୍ତ ଅନୁରାଗ ଓ ଅନନ୍ତ ଅଭିସାର ଲୋକାର୍ପଣ ହୋଇଅଛି। ବରିଷ୍ଠ ଭାଷାବିତ୍ତ ତଥା ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ଉପସ୍ଥିତିରେ କବି ରକ୍ଷକ ନାୟକ, ଭାଷାବିତ୍ତ ଡ଼. ଦେବାଶିଷ ମହାପାତ୍ର, ପରିବେଶବିତ ବିଜୟ କେତନ ପଟ୍ଟନାୟକ (ଭାରତୀୟ ବନସେବା), କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ ବରିଷ୍ଠ ଶିଶୁ ସାହିତ୍ୟିକ କବି ବୀରେନ୍ଦ୍ର ମହାନ୍ତି, ସମୀକ୍ଷିକା ଡ଼ ବାସନ୍ତୀ ମହାନ୍ତି, କବି କୁଞ୍ଜବିହାରୀ ସାହୁ, ପ୍ରମୁଖ ଯୋଗଦେଇ ସଂକଳନର ସମୀକ୍ଷା ସହିତ ଆଗାମୀ ପିଢ଼ି ନିମନ୍ତେ ନିଜର ବକ୍ତବ୍ୟ ପ୍ରତିପାଦନ କରିଥିଲେ। ବରିଷ୍ଠ ସମାଜସେବୀ କବି ରାଜେନ୍ଦ୍ର ପ୍ରସାଦ ଦ୍ୱିବେଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କବିତା ପାଠରେ, କବି ସାଗରୀକା ଦାସ, କବି ଜୟଶ୍ରୀ ପଟ୍ଟନାୟକ, କବି ପବିତ୍ର ମୋହନ ବାରିକ, କବି ରଜନୀକାନ୍ତ ପଟ୍ଟନାୟକ, କବି ଚିତ୍ତରଞ୍ଜନ ମହାନ୍ତି, କବି ନିବେଦିତା ରଥ, କବି ନିବେଦିତା ମହାନ୍ତି, ଶୁଭବ୍ରତ ମହାପାତ୍ର, କବି ପୂର୍ଣ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏହି ଅବସରରେ ତରୁଣ କବି ଶ୍ୱେତା ରାଉତ, କବି ଦେବେନ୍ଦ୍ର ପ୍ରସାଦ ଭୋଇ, କବି ସଂଗଠିକା ମାନମୟୀ ରଥ ଓ ଶ୍ରୀଗୋବିନ୍ଦ ପ୍ରମୁଖ ପ୍ରକାଶକଙ୍କୁ ସମ୍ମାନିତ କରାଯାଇଥିଲା। କବି ମିନାକ୍ଷୀ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲ୍ମୀକି ଜୟନ୍ତୀ ଓ ମୋ ପ୍ରଥମ ବହି ଶୀର୍ଷକ ଆଲୋଚନା ଚକ୍ର

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓ ରାଷ୍ଟ୍ରଦୀପ ପାଠକ ସମିତି ଆନୁକୂଲ୍ୟରେ ବାଲ୍ମୀକି ଜୟନ୍ତୀ ଓ ମୋ ପ୍ରଥମ ବହି ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରବିବାର ଦିନ ଜାଜଙ୍କ ହାଇସ୍କୁଲ ପରିସର ପାଠାଗାରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଖିଳଭାରତୀୟ ପରିଷଦ ରାଜ୍ୟସମ୍ପାଦକ ସନ୍ତୋଷ କୁମାର ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ନୃସିଂହଚରଣ ମିଶ୍ର ଯୋଗଦେଇ ବାଲ୍ମୀକିଙ୍କ ଅମରକୃତି ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡକ୍ଟର ରାଜକିଶୋର ପାଢ଼ୀ, ସ୍ତମ୍ଭକାର ମନୋରଞ୍ଜନ ମହାନ୍ତି,ଅଧ୍ୟାପକ ମହେଶ୍ୱର ପାଢ଼ୀ, ଡାକ୍ତର ରବିନ୍ଦ୍ର ବିହାରୀ, ସୁଶାନ୍ତ କୁମାର ପଣ୍ଡା, ବିନୟକୁମାର ମହାନ୍ତି, ଡ଼କ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ, ସବିତା ମିଶ୍ର, ପଦ୍ମଜା ଶରଣ, ପ୍ରେମଲତା ମହାରଣା, ଅର୍ଜୁନ ପୃଷ୍ଟି କଳ୍ପନା ପଣ୍ଡା, ସନ୍ତୋଷ କୁମାର ବେହେରା ନିଜନିଜର ପ୍ରଥମ ବହି ପ୍ରକାଶନର ପୁଲକ ଉପରେ ବକ୍ତବ୍ୟ ରଖିଥିଲେ।

## ଯୁଜିସି ନିୟମ -୨୦୨୬ ପ୍ରତ୍ୟାହାର ନେଇ ପ୍ରସ୍ତୁତି ବୈଠକ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ରବିବାର ମହାନଦୀ ଆଳତୀ ଘାଟ ଠାରେ ଯୁଜିସି ନିୟମ-୨୦୨୬ ପ୍ରତ୍ୟାହାର ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବ୍ରାହ୍ମଣ ସମାଜର ସଂପାଦକ ଦେବାଶିଷ ପୁରୋହିତ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଯୁଜିସି ନିୟମ - ୨୦୨୬ ଲାଗୁ କରାଗଲେ ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ସୁରକ୍ଷାରେ କିପରି ବାଧା ସୃଷ୍ଟି ହେବ ସେ ନେଇ ଆଲୋଚନା କରିଥିଲେ । ତେଣୁ ଏହାକୁ ପ୍ରତ୍ୟାହାର କରିବା ପାଇଁ ଓଡ଼ିଶା ବ୍ରାହ୍ମଣ ମହାସଂଘ ପକ୍ଷରୁ ଆସନ୍ତା ନଭେମ୍ବର ୩ ତାରିଖରେ ରାଜ୍ୟର ସମସ୍ତ ଜିଲ୍ଲା ଓ ବ୍ଲକରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର ଦେବାପାଇଁ ନିଆଯାଇଥିବା ନିଷ୍ପତ୍ତି ବିଷୟରେ ଆଲୋଚନା ହୋଇଥିଲା । ଜିଲ୍ଲା ମୁଖ୍ୟାଳୟରେ ଆଲୋଚନା ସଭା କରି ପଦଯାତ୍ରା ମାଧ୍ୟମରେ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯିବ । ବୌଦ୍ଧ ଓ ହରଭଙ୍ଗା ବ୍ଲକରେ ବିଡ଼ିଓଙ୍କୁ ମଧ୍ୟ ପ୍ରଦାନ କରାଯିବ । ଏହି ବୈଠକରେ ଜିଲ୍ଲା ବ୍ରାହ୍ମଣ ସମାଜର କର୍ମକର୍ତ୍ତା ସହିତ ଅନ୍ୟ ସାଧାରଣ ବର୍ଗର ବ୍ୟକ୍ତିବିଶେଷ ଯୋଗଦାନ କରି ନିଜ ନିଜ ମତ ପ୍ରକାଶ କରିଥିଲେ। ବୈଠକରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଥିବା ଦାବୀପତ୍ରରେ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଥିଲା।

## ମାସିକ ସାହିତ୍ୟ ଆଲୋଚନା ଚକ୍ର ଓ କବିତା ଆସର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ କର୍ମଚାରୀ ଭବନ ପରିସରରେ ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀର ମାସିକ ସାହିତ୍ୟ ଆଲୋଚନା ଚକ୍ର ଓ କବିତା ଆସର ସଭାପତି ଧ୍ରୁବ ଚରଣ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଏକାଡେମୀର ବାର୍ଷିକ ଉତ୍ସବର ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ଆସନ୍ତା ଡିସେମ୍ବର ୨୭ ତାରିଖରେ ବାର୍ଷିକ ଉତ୍ସବ ପାଳନ ପାଇଁ ନିଷ୍ପତ୍ତି ନିଆଗଲା । ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୯ ଜଣ କବି ଲେଖକ ଓ କଳାକାରମାନଙ୍କୁ ସମ୍ମାନିତ କରାଯିବା ନେଇ ଆଲୋଚନା କରାଯାଇଥିଲା ।

## ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ବିଏମଏସର ଆନ୍ଦୋଳନ ଚେତାବନୀ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ବ୍ୟାସନଗର ସହରର ବ୍ୟାସଦେବ ଟାଉନହଲ ଠାରେ ଭାରତୀୟ ମଜଦୁର ସଙ୍ଘର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ କାର୍ଯ୍ୟରତ ତଥା ବିଏମଏସ ସହବନ୍ଧିତ ନିୟୁ ଲକ୍ଷ୍ମୀ ଷ୍ଟିଲ ଏଣ୍ଡ ପାୱାର, ଓଡିଶା ୱେଷ୍ଟ ମ୍ୟାନେଜମେଣ୍ଟ ମଜଦୁର ସଙ୍ଘ, ଓଡିଶା ରାଜ୍ୟ ଆଶାକର୍ମୀ ସଙ୍ଘ, ନିଖିଳ ଓଡିଶା ବିଦ୍ୟୁତ ମଜଦୁର ମହାସଙ୍ଘ ପାଚିକା ସହାୟିକା ମଜଦୁର ସଙ୍ଘ, ସିଆରପି ଓ ଏମବିକେ ସଙ୍ଘ, ଆବିଶ ଫୁଡ୍ସ ମଜଦୁର ସଙ୍ଘ, ବିଶ୍ୱକର୍ମା ମଜଦୁର ସଙ୍ଘ ଓ ଓଡିଶା ସ୍ୱାବଲମ୍ବୀ କର୍ମଚାରୀ ସଙ୍ଘ ଭଳି ୧୨ଗୋଟି ସଂଗଠନର ୬୦୦ରୁ ଅଧିକ ପ୍ରତିନିଧି ସମ୍ମିଳନୀରେ ଯୋଗଦେଇ ଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଯାଜପୁର ଲୋକସଭା ସାଂସଦ ଡ଼ା ରବିନ୍ଦ୍ର ନାରାୟଣ ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥଲେ। ଜିଲ୍ଲା ସଭାପତି ବଟକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଭାରତୀୟ ମଜଦୁର ସଙ୍ଘର ପୂର୍ବ ଭାରତ କ୍ଷେତ୍ରୀୟ ସହ ସଂଗଠନ ମନ୍ତ୍ରୀ ପୃଥ୍ୱୀରାଜ ପଣ୍ଡା, ସମ୍ମାନିତ ଅତିଥି ଭାବେ ସାଂସଦ ଶ୍ରୀ ବେହେରା, ରାଜ୍ୟ ବିଏମଏସ ସଭାପତି ବାଦଲ ମହାରଣା, ଅଧିବକ୍ତା ସୁବାଷ ଚନ୍ଦ୍ର ନନ୍ଦ, ବିଏମଏସ ରାଜ୍ୟ ଉପସଭାପତି ଶାନ୍ତନୁ କୁମାର ମହାପାତ୍ର ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ଜିଲ୍ଲା ସଂଘ ଚାଳକ ବଟକୃଷ୍ଣ ଯେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଜିଲ୍ଲା ଖଣିଜ ସମ୍ପଦରେ ଭରପୁର ହୋଇଥିଲେ ମଧ୍ୟ ଏଠାରେ ବିଭିନ୍ନ କଳକାରଖାନା କିମ୍ବା ଖଣିଖାଦାନରେ କାର୍ଯ୍ୟରତ ସଂଖ୍ୟାଧିକ ଶ୍ରମିକଙ୍କୁ ଠିକାଶ୍ରମିକ ଭାବେ ପରିଚିତ କରାଇ ସେମାନଙ୍କୁ ନାନା ପ୍ରକାରେ ଶୋଷଣ କରାଯାଉଥିବା ସଙ୍ଘ ପକ୍ଷରୁ ଅଭିଯୋଗ ହୋଇଛି। ତେବେ ଆଗାମୀ ଦିନରେ ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସହ ଆଲୋଚନା କରାଯାଇ ଏହାର ସମାଧାନର ରାସ୍ତା ତିଆରି କରାଯିବ ବୋଲି ବକ୍ତା ମାନେ ମତବ୍ୟକ୍ତ କରିଛନ୍ତି।ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା କାର୍ଯ୍ୟରତ ଶ୍ରମିକମାନଙ୍କୁ ବିଏମଏସ ସଂଗଠନ ସମ୍ପର୍କରେ ଅବଗତ କରାଯାଇଥିଲା। ଏହା ଏକ ସମ୍ପୂର୍ଣ୍ଣ ଅଣରାଜନୈତିକ ସଂଗଠନ ଏବଂ ଶ୍ରମିକ ମାନଙ୍କ ସ୍ୱାର୍ଥ ପାଇଁ ଏହା ଅନବରତ ଭାବେ ଲଢେଇ ଜାରି ରଖିଛି ଆଗକୁ ମଧ୍ୟ ଏହି ଲଢେଇ ଜାରି ରହିବ। ମାତ୍ର ସରକାର ଯଦି କୌଣସି ପରିସ୍ଥିତିରେ ଶ୍ରମିକ ମାନଙ୍କର ନାର୍ଯ୍ୟଦାବୀ ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ବିଏମଏସ ନିଶ୍ଚିତ ଶ୍ରମିକଙ୍କ ସ୍ୱାର୍ଥ ପାଇଁ ତାର ଆନ୍ଦୋଳନ ତୀବ୍ରତର କରିବ ବୋଲି ମନୋଜ କୁମାର ବସନ୍ତରାୟ ମତ ଦେଇଥିଲେ। ଏହି ଅବସରରେ ସଙ୍ଘ ପକ୍ଷରୁ ଏଠାରେ ନୂତନ ଜିଲ୍ଲା କମିଟିର ନବନିଯୁକ୍ତ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ମୁଖ୍ୟ ଉପଦେଷ୍ଟା ଭାବେ ବଟକୃଷ୍ଣ ସାହୁ, ସଭାପତି ଭାବେ ଦିଲ୍ଲୀପ କୁମାର ଓଝା, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ସାମଲ, ଉପସଭାପତି ଦିପ୍ତିମୟୀ ସାହୁ, ବିପଦ ଭଞ୍ଜନ ଦାଶ, ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଯେନା, ସହ ସମ୍ପାଦକ ଅମର କୁମାର ଭୂୟାଁ, ପ୍ରଦୀପ କୁମାର ସାହୁ, କୋଷାଧକ୍ଷ ରମା ପଣ୍ଡା, ସଂଗଠନ ସମ୍ପାଦକ ଭାବେ ବିଜୟ କୁମାର ସାହୁ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ଭାବେ ନଟବର ପ୍ରଧାନ, ମଧୁସ୍ମିତା ବାଭି, ରମାକାନ୍ତ ମଲ୍ଲିକଙ୍କ ସମେତ ଜିଲ୍ଲାର ସମସ୍ତ ପଞ୍ଜିକୃତ ସଙ୍ଘର ସମ୍ପାଦକ ମାନଙ୍କୁ ଜିଲ୍ଲା କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଛି। ଆଗାମୀ ଦିନରେ ଜିଲ୍ଲା ସଂଗଠନକୁ ମଜବୁତ କରିବା ସହ ଶ୍ରମିକ ମାନଙ୍କ ହିତ ପାଇଁ କାର୍ଯ୍ୟ କରିବାକୁ ନବନିଯୁକ୍ତ କର୍ମକର୍ତ୍ତା ମାନେ ଶପଥ ନେଇଥଲେ। ଶେଷରେ ମୁକ୍ତିକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅଶୋକ ସ୍ୱାଇଁ, ରମାକାନ୍ତ ମହନ୍ତ, ବିଶ୍ୱଜିତ ହାଲ୍ଲୀ, ପୁଷ୍ପଲତା ରାଉତ, ମମତା ମହାନ୍ତି, ସୁଷମାରାଣୀ ରାଉତ, ବିକୁନୁ ମହନ୍ତ, ବଳରାମ ଯେନା, ରତ୍ନାକର ମହନ୍ତ ପ୍ରମୁଖ କାର୍ଯ୍ୟକ୍ରମର ସୁପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ ।



ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଶିଳ୍ପ ବିକାଶର ନୂଆ ସନ୍ଧିକ୍ଷଣରେ ଓଡ଼ିଶା

ଓଡ଼ିଶା ବହୁଦିନ ଧରି ଭାରତର ଅର୍ଥନୈତିକ ବିକାଶ କାହାଣୀରେ ଏକ ବିପରୀତାଭାସର ସମ୍ମୁଖୀନ ହୋଇଆସିଛି। ରାଜ୍ୟରେ ଲୁହାପଥର, କୋଇଲା, ବକ୍ସାଇଟ୍ ଓ ଅନ୍ୟାନ୍ୟ ଖଣିଜ ସମ୍ପଦର ପ୍ରଚୁର ଭଣ୍ଡାର ରହିଛି। ଏହି ସମ୍ପଦ ଦେଶର ଶିଳ୍ପ ଅର୍ଥନୀତିକୁ ଶକ୍ତି ଯୋଗାଉଛି। କିନ୍ତୁ ଏହି କଞ୍ଚାମାଲରୁ ଉନ୍ନତମାନର ସାମଗ୍ରୀ, ବିଶେଷ ରାସାୟନିକ ଦ୍ରବ୍ୟ, ପ୍ରଯୁକ୍ତିଭିତ୍ତିକ ଉତ୍ପାଦ ଓ ଉପଭୋକ୍ତା ସାମଗ୍ରୀ ପ୍ରସ୍ତୁତ କରିବା ଭଳି ଅଧିକ ମୂଲ୍ୟ ସୃଷ୍ଟିକାରୀ କାର୍ଯ୍ୟର ବଡ଼ ଅଂଶ ପ୍ରାୟତଃ ଅନ୍ୟ ରାଜ୍ୟରେ ହୋଇଥାଏ। ଫଳରେ ଓଡ଼ିଶାରୁ ଉତ୍ତୋଳିତ ସମ୍ପଦ ଓ ରାଜ୍ୟ ଭିତରେ ସୃଷ୍ଟି ହେଉଥିବା ବ୍ୟାପକ ଅର୍ଥନୈତିକ ସୁଯୋଗ ମଧ୍ୟରେ ଏକ ବ୍ୟବଧାନ ରହିଯାଉଛି। ୨୦୩୬ ମସିହାରେ ରାଜ୍ୟ ଗଠନର ଶତବାର୍ଷିକୀ ସୁଦ୍ଧା ଏକ ସମୃଦ୍ଧ ଓ ବିବିଧମୁଖୀ ଅର୍ଥନୀତି ଗଠନ କରିବାକୁ ହେଲେ ଏହି ବ୍ୟବଧାନ ଦୂର କରିବା ଅତ୍ୟନ୍ତ ଜରୁରୀ। ନିକଟରେ ମୁମ୍ବାଇରେ ଆୟୋଜିତ 'ଇଣ୍ଡିଆ କେମ୍ ୨୦୨୬' କାର୍ଯ୍ୟକ୍ରମରେ ଓଡ଼ିଶାର ଅଂଶଗ୍ରହଣ ରାଜ୍ୟର ଶିଳ୍ପ ବିକାଶ ଦିଗକୁ ପୁନର୍ବିଚାର କରିବାର ଏକ ସୁଯୋଗ ଆଣିଛି। ଓଡ଼ିଶା ୯ଟି ବୁଝାମଣାପତ୍ର ଏବଂ ୪ଟି ନିବେଶ ଆଗ୍ରହ ପ୍ରସ୍ତାବ ମାଧ୍ୟମରେ ମୋଟ ୫୩,୮୯୩.୫୧ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ କରିଛି। ତେବେ ଏହି ନିବେଶ ପ୍ରସ୍ତାବକୁ ପ୍ରକୃତ ପୁଞ୍ଜି ନିବେଶ କିମ୍ବା ସୃଷ୍ଟି ହୋଇସାରିଥିବା ନିଯୁକ୍ତି ସହ ସମାନ ବୋଲି ଧରିନେବା ଠିକ୍ ହେବ ନାହିଁ। ତଥାପି ଏହି ପ୍ରସ୍ତାବଗୁଡ଼ିକ ଓଡ଼ିଶାର ଶିଳ୍ପ ବିକାଶ ପାଇଁ ଏକ ଉତ୍ସାହଜନକ ସଙ୍କେତ। ଏହାର ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଓଡ଼ିଶାକୁ ଏକ ଖଣିଜ ଓ ଧାତୁକେନ୍ଦ୍ରିକ ଅର୍ଥନୀତିରୁ ରାସାୟନିକ ଶିଳ୍ପ, ପେଟ୍ରୋରସାୟନ, ପ୍ଲାଷ୍ଟିକ୍, ଯନ୍ତ୍ରପାତି ନିର୍ମାଣ ଏବଂ ଅନ୍ୟାନ୍ୟ ଉତ୍ପାଦନ କ୍ଷେତ୍ରକୁ ନେଇ ଏକ ସମନ୍ୱିତ ଶିଳ୍ପ ବ୍ୟବସ୍ଥା ଗଠନ କରିବାର ଲକ୍ଷ୍ୟ। ଗୁଜରାଟ, ମହାରାଷ୍ଟ୍ର ଓ ତାମିଲନାଡୁର ବିକାଶ ଚିତ୍ରକୁ ଦେଖିଲେ ଓଡ଼ିଶା ପାଇଁ ଏହି ଲକ୍ଷ୍ୟ ପୂରଣରେ ପାରାଦୀପର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବାର୍ଷିକ ୧୫ ନିୟୁତ ଟନ୍ କ୍ଷମତାବିଶିଷ୍ଟ ତୈଳ ବିଶୋଧନାଗାର, ପେଟ୍ରୋଲିୟମ୍, ରାସାୟନିକ ଓ ପେଟ୍ରୋରସାୟନ ନିବେଶ ଅଞ୍ଚଳ ଏବଂ ପ୍ଲାଷ୍ଟିକ୍ ପାର୍କ ଭଳି ଭିତ୍ତିଭୂମି ସେଠାରେ ରହିଛି। ଏହାଦ୍ୱାରା ରାଜ୍ୟରେ ପଲିମର, ପ୍ୟାକେଜିଂ ସାମଗ୍ରୀ, ବୈଷୟିକ ବସ୍ତ୍ର ଭଳି ଦ୍ରବ୍ୟ ଉତ୍ପାଦନ ପାଇଁ ସୁଯୋଗ ରହିଛି। ଧାମରା ଓ ଗୋପାଳପୁର ବନ୍ଦରକୁ ଆଧାର କରି ଅନ୍ୟାନ୍ୟ ଶିଳ୍ପର ବିକାଶ ହୋଇପାରିବ। ସେହିପରି ଅନୁଗୋଳ ଓ ଢେଙ୍କାନାଳରେ ଧାତୁ, କୋଇଲା, ଶକ୍ତି ଓ ବିଦ୍ୟମାନ ଶିଳ୍ପର ଚାହିଦାକୁ ଆଧାର କରି ଉତ୍ପାଦନ କ୍ଷେତ୍ରକୁ ବିସ୍ତାର କରାଯାଇପାରିବ। 'ସମୃଦ୍ଧ ଓଡ଼ିଶା ୨୦୩୬'ର ଲକ୍ଷ୍ୟ କେବଳ ଅର୍ଥନୀତିର ଆକାର ବୃଦ୍ଧି ନୁହେଁ। ଏହାର ଅର୍ଥ ହେଉଛି ଉନ୍ନତ ଜୀବନଜୀବିକା, ଉତ୍ପାଦନଶୀଳ ନିଯୁକ୍ତି, ଉନ୍ନତ ସହର ଓ ଶିଳ୍ପ କେନ୍ଦ୍ର, ଗ୍ରାମୀଣ ଆୟର ସ୍ଥିରତା ଏବଂ ରାଜ୍ୟର ଯୁବପିଢ଼ି ପାଇଁ ଅଧିକ ସୁଯୋଗ। ଅର୍ଥନୈତିକ ବିକାଶର ଏକ ନୂଆ ପର୍ଯ୍ୟାୟକୁ ପ୍ରବେଶ କରିବା ପାଇଁ ଓଡ଼ିଶା ପାଖରେ ପ୍ରାକୃତିକ ସମ୍ପଦ, ଶିଳ୍ପ ଭିତ୍ତିଭୂମି ଓ ନିବେଶ ଆଗ୍ରହ ରହିଛି। ତେବେ ଏହି ସୁଯୋଗକୁ ସଫଳତାରେ ପରିଣତ କରିବା ପାଇଁ ଆହୁରି ଅନେକ କାମ କରିବାକୁ ପଡ଼ିବ। ବିଶେଷ କରି ସମ୍ପଦକୁ ଆଧାର କରି ରାଜ୍ୟ ଭିତରେ ଯେତେ ଅଧିକ ମୂଲ୍ୟ, ଦକ୍ଷତା, ଉଦ୍ୟୋଗ ଓ ସମୃଦ୍ଧି ସୃଷ୍ଟି କରାଯାଇ ପାରିବ ତାହା ହିଁ ଓଡ଼ିଶାର ଭବିଷ୍ୟତ ନିର୍ଦ୍ଧାରଣ କରିବ।



## ନିଶାପ
### (ନିରପେକ୍ଷ ଶାସନ ପଦ୍ଧତି)
### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ
### ସମ୍ପର୍କ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଏ ସୃଷ୍ଟି ଈଶ୍ୱରଙ୍କର ଏ ଜଗତରେ ଯାହାସବୁ ଅଛି ଏସବୁ ପ୍ରଭୁଙ୍କର । ତେଣୁ ଏ ଜଗତରେ ତୁମେ ଏପରି ଭାବରେ ସମ୍ପର୍କ ଯୋଡ ଯେପରି ପଛରେ ଭାବିବାକୁ ନ ପଡେ । ସମ୍ପର୍କ ଯୋଡିବା ଭାରି ସହଜ କିନ୍ତୁ ସମ୍ପର୍କକୁ ହୃଦୟରେ ଚାପି ରଖିବା ଭାରି କଷ୍ଟ । ଯଦି ସମ୍ପର୍କରେ ଛଳନା ଥିବ ତାହାଲେ ଭାରି କଷ୍ଟ । ତେଣୁ ସମ୍ପର୍କରେ ସବୁବେଳେ ସରଳତା ମାର୍ଗରେ ନିଅ । ସେ ସମ୍ପର୍କ ସଂସାରରେ ହେଉ କି ସମାଜରେ ହେଉ ନିଷ୍ଠାର ସହିତ ପାଳନ କଲେ ସେ ଗୋଟେ ବିଶାଳ ସେତୁ ପାଲଟିଯାଏ । କଠିନତା ସରଳ ହୋଇଯାଏ । କଷ୍ଟ ଲାଘବ ହୋଇଯାଏ । ବିଶାଳ କର୍ମ କ୍ଷୁଦ୍ର ପାଲଟିଯାଏ । ବା ସୂକ୍ଷ୍ମ ହୋଇଯାଏ । ବିପଦ ସମ୍ପଦ ପାଲଟିଯାଏ । ତେଣୁ ସମ୍ପର୍କ ଭିତରେ ପବିତ୍ରତା ଥିବା ନିହାତି ଜରୁରି ଯଦି ସମ୍ପର୍କ ଭିତରେ ପବିତ୍ରତା ନାହିଁ ସେ ସମ୍ପର୍କ ସମ୍ପର୍କ ନୁହେଁ । ସେ କିଛିଦିନ ଭିତରେ ଶତ୍ରୁତାର ରୂପ ନେଇଥାଏ । ତେଣୁ ହେ ଭକ୍ତ, ହେ ଶିଷ୍ୟ ପ୍ରଥମରୁ କହିଥାଏ । -ବ୍ୟାଧି ଅଳପ ହୋଇ ସଞ୍ଚରଇ, ହେଳା ମାତ୍ରକେ ପରାଣ ମାରଇ

ଭସ୍ମ କୁଡରେ ଅଗ୍ନିକଣା ଥାଇ,ମନ୍ଦ ପବନେ ବଳିଷ୍ଠ ହୁଅଇ ।

ତେଣୁ ଯଦି ସମ୍ପର୍କରେ କ୍ରେତା ଅଛି ବୋଲି ଜାଣିବ ତାହାଲେ ତାକୁ ସଙ୍ଗେ ସଙ୍ଗେ ସୁଧାରିନେବ । ଯେତେ ଶିଘ୍ର ପାର ସେତ ଶିଘ୍ର ସମାଧାନ କରିଦେଲେ ଉଭୟଙ୍କ ପାଇଁ ଭଲ ନଚେତ ହେଳା କଲେ ଯେପରି ଭେଳା ବୁଡେ ସେହିପରି ଅବସ୍ଥା ଭୋଗିବାକୁ ପଡିଥାଏ । ସମ୍ପର୍କରେ ଅଂହଙ୍କାର ରଖନାହିଁ । ପ୍ରେମର ସ୍ରୋତରେ ସମ୍ପର୍କକୁ ଗଢି ତୋଳି ଦେଖିବ ସେ ସମ୍ପର୍କରେ ଫଳ ଏତେ ମିଠା ଲାଗିବ ତୁମେବି ଭାବିଲେ ଭାବି ପାରିବ ନାହିଁ । ଏହାହିଁ ସତ୍ୟ । ହରିଓଁ ।

# ଓଡ଼ିଆ ବଚନ



ଡକ୍ଟର ଦେବାଶିଷ ମହାପାତ୍ର
ସହକାରୀ ପ୍ରଫେସର
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ,
ଏନ୍.ସି.ଇ.ଆର୍.ଟି.
ଭୁବନେଶ୍ୱର-୨୨,
ମୋ - ୬୩୭୨୦୮୨୬୯୦

ବ୍ୟାକରଣ ଦୃଷ୍ଟିରୁ ବିଚାର କଲେ ଯାହାଦ୍ୱାରା ବସ୍ତୁ ବା ବ୍ୟକ୍ତିର ସଂଖ୍ୟା ବୁଝାଯାଏ ତାହା ବଚନ। ବିଶେଷ୍ୟ ଓ ସର୍ବନାମ ପଦର ବଚନ ହୋଇଥାଏ। ବଚନ ଦୁଇଭାଗରେ ବିଭକ୍ତ - ଏକବଚନ (Singular) ଓ ବହୁବଚନ (Plural)। ଯେଉଁ ବିଶେଷ୍ୟ ବା ସର୍ବନାମ ପଦରୁ ବସ୍ତୁ ବା ବ୍ୟକ୍ତିର ସଂଖ୍ୟା ଗୋଟିଏ ବା ଏକ ବୋଲି ବୁଝାଯାଏ, ତାହା ଏକବଚନ ହୋଇଥାଏ। ଯେମିତିକି - ମୁଁ, ତୁମେ, ସେ, ବହି, ଗଛ, ଘର, ଦୋକାନ। ତେବେ ଯେଉଁ ବିଶେଷ୍ୟ ବା ସର୍ବନାମ ପଦରୁ ବସ୍ତୁ ବା ବ୍ୟକ୍ତିର ଏକାଧିକ ବା ବହୁତ ବୋଲି ବୁଝାଯାଏ, ତାହାର ବହୁବଚନ ହୋଇଥାଏ। ଯେମିତିକି- ଆମେ, ଆମେମାନେ, ସେମାନେ, ବହିତକ, ଗଛଗୁଡ଼ିକ, ପିଲାମାନେ। ଏକବଚନ ପାଇଁ ଆମେ ପ୍ରାୟ ଶବ୍ଦରେ କିଛି ଚିହ୍ନ ଦେଇ ନଥାଉ। ଯେମିତିକି - ବହି, ଘର, ଗଛ, ପିଲା, ସ୍କୁଲ, ଫୁଲ, ବାଳିକା, ଚଢ଼େଇ। ତେବେ ଆମେମାନେ ବୁଝିବାକୁ ସହଜ ହେବାପାଇଁ ଟା, ଟି, ଟିଏ, ଗୋଟିଏ, ଖଣ୍ଡେ, ଖଣ୍ଡିଏ ଏସବୁ ଯୋଡ଼ାଯାଇ ଏକବଚନ କରାଯାଇଥାଏ। ଯେମିତିକି- ପିଲାଟା ଭଲ, କଥାଟେ କୁହ, ଗୋଟାଏ ବାଇଗଣ, ବହିଖଣ୍ଡେ, କିଆରୀ ଗୋଟାକ, କିଲେ ଡାଲି, ମୁଠେ ଭିକ, ଘର ଖଣ୍ଡିଏ। ବେଳେବେଳେ ଆମେ ବି ଏକବଚନ ପାଇଁ ଏ ଯୋଡ଼ିଥାଉ- ଦାସେ ଆପଣେ, ପଧାନେ, ସ୍ୱାଇଁଏ, ସାହୁଏ, ମିଶ୍ରେ, ମହାପାତ୍ରେ, ପାଣ୍ଡେ, ପଦେ କଥା, ମାଣେ ଜମି, ଇଞ୍ଚେ ଜାଗା। ତେବେ ବହୁବଚନ ବୁଝିବା ପାଇଁ ବିଶେଷ୍ୟ ବା ସର୍ବନାମ ପଦ ସହ ଏ, ମାନେ, ମାନ, ଗୁଡ଼ିକ, ଗୁଡ଼ାକ ଆଦି ଚିହ୍ନ ଯୋଗ କରାଯାଇଥାଏ। ଯେମିତିକି- ପଲପଲ ଗୋରୁ, ପେନ୍ଥାପେନ୍ଥା ଫୁଲ, ଦଳଦଳ ଶ୍ରମିକ, ମାଳମାଳ ମେଘ, ବୋଝବୋଝ ଆମ୍ବ, କାନ୍ଧିକାନ୍ଧି କଦଳୀ, ଡେଙ୍ଗାଡେଙ୍ଗା ଗଛ। ଅବଶ୍ୟ ସ୍ଥଳବିଶେଷରେ ଦଳ, ଶ୍ରେଣୀ, ବର୍ଗ, ବୃନ୍ଦ, ପଲ, ଗଣ, ମାଳା, ରାଶି, ମଣ୍ଡଳୀ, ସମାଜ, ସମୂହ ପ୍ରଭୃତି ସମୂହବାଚକ ଶବ୍ଦ ଯୋଡ଼ାଯାଇ ବହୁବଚନ କରାଯାଇଥାଏ। ଯେମିତିକି- ପଛୁଆବର୍ଗ, କବିବୃନ୍ଦ, ଭକ୍ତସମାଜ, ପର୍ବତମାଳା, କୁକୁର ପଲ, ଜନଗଣ, ଧନରାଶି, ବିଦ୍ୱାନମଣ୍ଡଳୀ, ଜନସମୂହ। ତେବେ ଆମେ ଦେଖୁ ବସ୍ତୁବାଚକ ବିଶେଷ୍ୟ ସଂଖ୍ୟା ବୁଝାଉ ନ ଥିବାରୁ ତାହାର ବହୁବଚନ ହୋଇନଥାଏ। ଯେମିତିକି- ସୁନା , ରୁପା, ଲୁହା, ଚାଉଳ, ତେଲ, ତମ୍ବା, ପଥର, ଜଳ, ଗୋଡ଼ି, ବାଲି, ମାଟି, କାଠ ଇତ୍ୟାଦି। ଅବଶ୍ୟ ଏସବୁ ବସ୍ତୁବାଚକ ବିଶେଷ୍ୟ ସଂଖ୍ୟାସୂଚକ ହେଲେ ତାହାର ବହୁବଚନ ହେବାରେ ଅସୁବିଧା ହୋଇନଥାଏ। ଯେମିତିକି - ଦୁଇଭରି ସୁନା, ଚାରି ଲିଟର ତେଲ, ଏକ କିଲେ ଗୁଡ଼, ଅଢ଼େଇ କେଜି ମୁଗ, ଶଗଡ଼େ କାଠ, ପାଞ୍ଚଝୁଡ଼ି ଗୋଡ଼ି ତିନି ଟ୍ରକ୍ ବାଲି। ବଚନ ଆଧାରରେ କ୍ରିୟାର ରୂପ ବଦଳିଥାଏ। ଏକବଚନ ଓ ବହୁବଚନ ବୁଝିବାକୁ ଆମେ କେତୋଟି ଚିହ୍ନ ବା ପ୍ରତ୍ୟୟର ସହାୟତା ନେଇଥାଉ। ବାକ୍ୟ ଦୁଇଟି ଲକ୍ଷ୍ୟ କରନ୍ତୁ- ଝିଅଟି ପଢୁଛି। ଝିଅମାନେ ପଢୁଛନ୍ତି। ବଚନ ଅନୁସାରେ କ୍ରିୟାର ରୂପ ପରିବର୍ତ୍ତିତ ହୁଏ। ଆଉ ଗୋଟେ କଥା, ଏକବଚନ ବା ବହୁବଚନ କେବଳ ବିଶେଷ୍ୟ ପଦରେ ହିଁ ହୋଇଥାଏ। ବିଶେଷ୍ୟପଦ ଆଗରୁ ଏକାଧିକ ବା ବହୁତ ବୁଝାଉଥିବା କୌଣସି ବିଶେଷଣ ପଦ ଥିଲେ ବିଶେଷ୍ୟ ପଦଟିରେ ଆଉ କୌଣସି ବହୁବଚନ ସୂଚକ ପ୍ରତ୍ୟୟର ବ୍ୟବହାର ହୋଇନଥାଏ। ଯଦି ବାକ୍ୟରେ ଆମେ ଲେଖୁ- ସମସ୍ତ ଘଟଣାଗୁଡ଼ିକର ଅନୁସନ୍ଧାନ କରାଯାଇଛି। ବାକ୍ୟଟି ସମ୍ପୂର୍ଣ୍ଣ ଭୁଲ୍। ଠିକ୍ ବାକ୍ୟଟି ହେଉଛି- ସମସ୍ତ ଘଟଣାର ଅନୁସନ୍ଧାନ କରାଯାଇଛି। ଅଥବା- ଆମେ ଯଦି ବାକ୍ୟଟିଏ ଲେଖିବା ଗଛରେ ବହୁତ ଆମ୍ବଗୁଡ଼ିଏ ଫଳିଛି। ବାକ୍ୟଟି ଭୁଲ। କାରଣ ଠିକ୍ ବାକ୍ୟଟି ହେଉଛି- ଗଛରେ ବହୁତ ଆମ୍ବ ଫଳିଛି। ବ୍ୟାକରଣରେ ଏହି ବଚନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବଚନ ବିଷୟରେ ଆଉ କେତୋଟି କଥା- ବସ୍ତୁବାଚକ ବିଶେଷ୍ୟ ପଦ ଯଥା: ସୁନା, ରୁପା, ତମ୍ବା, ଜଳ ଆଦି ସଂଖ୍ୟାକୁ ବୁଝାଉନଥିବାରୁ ଏସବୁର ବହୁବଚନ ହୁଏ ନାହିଁ। ତେବେ ବସ୍ତୁସବୁ ନିର୍ଦ୍ଦିଷ୍ଟ ହେଲେ ସେଥିରେ ବଚନ ଚିହ୍ନ ଲାଗେ। ଯେମିତିକି ବହିଗୁଡ଼ିକ ଥାକରେ ରଖ। ସେମିତି ଚିରନ୍ତନ ସତ୍ୟକୁ ବୁଝାଉଥିଲେ ଏକବଚନ, ଜାତିବାଚକ ବିଶେଷ୍ୟ ବହୁବଚନ ଅର୍ଥରେ ବ୍ୟବହାର ହୁଏ- ମଣିଷ ମରଣଶୀଳ। ଓଡ଼ିଆ ବଚନ, ଭାଷା ଓ ବ୍ୟାକରଣର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ। ବଚନ ଆମ ଭାଷାର ବୈଶିଷ୍ଟ୍ୟ। ବଚନ ଆମ ଭାଷାର ସ୍ୱାତନ୍ତ୍ର୍ୟ।

# ଗୁରୁ ବନାମ ଶିକ୍ଷକ



ପ୍ରଦୀପ୍ତ କୁମାର ଜେନା
ଅବସରପ୍ରାପ୍ତ
ପୋଲିସ୍ ଅଫିସର୍
ମୋ-୮୨୪୯୨୮୧୫୬୭

'ଗୁ'ର ଶାବ୍ଦିକ ଅର୍ଥ ହେଉଛି ଅନ୍ଧକାର ବା ଅଜ୍ଞାନ ଓ 'ରୁ'ର ଅର୍ଥ ହେଉଛି ପ୍ରକାଶ ବା ଅନ୍ଧକାରକୁ ଦୂର କରିବା । ଯେଉଁମାନେ ମଣିଷ ମନରେ ଥିବା ଅନ୍ଧକାରକୁ ଦୂରକରି ଜ୍ଞାନର ଆଲୋକ ପ୍ରଦାନ କରନ୍ତି ସେମାନଙ୍କୁ ଗୁରୁ କୁହାଯାଏ । ଗୁରୁ ହେଉଛନ୍ତି ବିଶେଷ ଜ୍ଞାନ ବା କ୍ଷେତ୍ରର ମାର୍ଗଦର୍ଶକ। ଗୁରୁଙ୍କୁ ଜ୍ଞାନ ବା ସତ୍ୟର ସାଧକ ବୋଲି ମଧ୍ୟ କୁହାଯାଇଥାଏ । ଶିକ୍ଷକ ଗୁରୁ ନୁହନ୍ତି, ଗୁରୁ ଶିକ୍ଷକଙ୍କଠାରୁ ଉର୍ଦ୍ଧ୍ୱରେ ।

ଗୁରୁଙ୍କ ପାଖରେ ଚାରିଗୋଟି ଲକ୍ଷଣ ରହିଥାଏ । ସେଗୁଡିକ ହେଲା-ବେଦ ଓ ଶାସ୍ତ୍ର ଜ୍ଞାନ, ଇଶ୍ୱରୀୟ ଜ୍ଞାନ ବା ହରିଭକ୍ତି, ସମଦୃଷ୍ଟି ଓ ବେଦ ବିଧି କର୍ମ । ଏହି ଚାରି ଗୋଟି ଗୁଣ ସମ୍ପନ୍ନ ବ୍ୟକ୍ତି ହିଁ ଗୁରୁ ପଦ ବାଚ୍ୟ ।

ଗୁରୁ ଆତ୍ମ ଜ୍ଞାନୀ, ତତ୍ତ୍ୱଦର୍ଶୀ ମହାପୁରୁଷ, ଯେକି ସତ୍ୟକୁ ପ୍ରତ୍ୟେକ୍ଷ ଭବେ ଅନୁଭବ କରିଥା'ନ୍ତି। ଜୀବ ଓ ପରମର ସମ୍ପର୍କକୁ ସୂଚାଇଦେଇ ମୋକ୍ଷ ଲାଭ କରିବାର ମାର୍ଗ ଦର୍ଶନ କରାଇଥା'ନ୍ତି । ଗୁରୁ ହେଉଛନ୍ତି ଜ୍ଞାନର ଅଧିକାରୀ । ସେ ଜ୍ଞାନ ହେଉଛି ଇଶ୍ୱରୀୟ ଜ୍ଞାନ ବା ଆଧାର୍ତ୍ମିକ ଜ୍ଞାନ । ପ୍ରକୃତ ଗୁରୁ ଇଶ୍ୱରଙ୍କୁ ଉପଲବଧି କରିଥାଏ । ଗୁରୁଙ୍କ ପାଖରୁ ଆମେ ଉଭୟ ଶାସ୍ତ୍ର ଜ୍ଞାନ ଓ ବ୍ରହ୍ମ ଜ୍ଞାନ ଲାଭ କରିଥାଉ । ନିଜକୁ ଜାଣିବା ଓ ଜୀବ ପରମର ସମ୍ପର୍କକୁ ବୁଝିବା ସହିତ ଜୀବନର ଅନ୍ତିମ ଲକ୍ଷ୍ୟ ପରମ ସହିତ ମିଶି ଜନ୍ମ ମୃତ୍ୟୁଚକ୍ରରୁ ଦୁରେଇ ରହିବା ହେଉଛି ଆଧାତ୍ମିକ ଜ୍ଞାନ। ଗୁରୁ ବିନା ଏ ଜ୍ଞାନ ମଣିଷକୁ କେହି ଦେଇପାରିବ ନାହିଁ। କୁହାଯାଏ "ଗୁରୁ ଯେ ମଳୟ ପବନ, କାଷ୍ଠକୁ କରେ ଚନ୍ଦନ।' ମଳୟ ପବନ ସ୍ପର୍ଶରେ ନିମ୍ବ ଗଛ ଯେଭଳି ଚନ୍ଦନରେ ପରିବର୍ତ୍ତିତ ହୋଇଥାଏ, ଠିକ ବ୍ୟକ୍ତି ଗୁରୁଙ୍କ ସଂସ୍ପର୍ଶରେ ଆସି ଏକ ସ୍ୱର୍ଗୀୟ ଆନନ୍ଦ ଲାଭ କରିଥାଏ । ମହାଭାରତ ଯୁଦ୍ଧ ସମୟରେ ଅର୍ଜୁନ ଯେତେବେଳେ ତାଙ୍କର ସଂପର୍କୀୟମାନଙ୍କୁ ତାଙ୍କ ବିପକ୍ଷରେ ଯୁଦ୍ଧ କରିବାକୁ ଛିଡା ହୋଇଥିବା ଦେଖିଲେ ସେତେବେଳେ ସେ ମୋହଗ୍ରସ୍ତ ହୋଇପଡିଲେ । ଯୁଦ୍ଧ କରିବେ କି ନକରିବେ ଦ୍ୱନ୍ଦ୍ୱରେ ପଡ଼ି କୌଣସି ନିଷ୍ପତ୍ତି ନେଇପାରିଲେ ନାହିଁ ଓ ଭଗବାନ ଶ୍ରୀକୃଷ୍ଣ ତାଙ୍କୁ ଉଚିତ ପରାମର୍ଶ ବା ତାଙ୍କର ମାର୍ଗଦର୍ଶନ କରିବା ପାଇଁ ଅନୁରୋଧ କଲେ । ଭଗବାନ ସ୍ୱୟଂ ଜଣେ ଆଧ୍ୟାତ୍ମିକ ଗୁରୁ ଭାବେ ଅର୍ଜୁନଙ୍କୁ ୧୮ ଅଧ୍ୟାୟ ଭଗବଦ୍ ଗୀତା ରୁପି ବ୍ରାହ୍ମଜ୍ଞାନ ମାଧ୍ୟମରେ ଅର୍ଜୁନ ମନରେ ଥିବା ଦ୍ୱନ୍ଦ୍ୱ, ଅଂହକାର ଓ ଅଜ୍ଞାନ ରୂପି ଅନ୍ଧକାରକୁ ଦୂର କରିଥିଲେ । ବାସ୍ତବିକ ଭଗବାନ କୃଷ୍ଣ ଥିଲେ ଅର୍ଜୁନଙ୍କ ଆଧ୍ୟାତ୍ମିକ ଗୁରୁ । ଏହି ମାୟା ସଂସାର ରୂପି ସାଗରକୁ ପାର ହେବା ପାଇଁ ଓ ଜୀବନର ପ୍ରକୃତ ଆନନ୍ଦକୁ ଲାଭ କରିବା ପାଇଁ ସେ ଜଣେ ତତ୍ତ୍ୱଦର୍ଶୀ ଗୁରୁଙ୍କ ନିକଟକୁ ଯାଇଁ ଜ୍ଞାନ ଲାଭ କରିବାକୁ ପରାମର୍ଶ ଦେଇଥିଲେ। ଭଗବଦ୍ ଗୀତା ୪ର୍ଥ ଅଧ୍ୟାୟ ୩୪ ନମ୍ବର ଶ୍ଳୋକରେ ଭଗବାନ କହିଛନ୍ତି "ତତ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା, ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ ।'

ଗୁରୁ ପ୍ରତ୍ୟେକ ଜୀବ ଭିତରେ ଇଶ୍ୱରଙ୍କୁ ଦେଖିଥା'ନ୍ତି ଓ ଗୁରୁଙ୍କ ଦୃଷ୍ଟିରେ ଚଣ୍ଡାଳ, ହାତୀ, କୁକୁର ଓ ବ୍ରାହ୍ମଣ ସବୁ କିଛି ସମାନ। ଭଗବଦ୍ ଗୀତାର ପଞ୍ଚମ ଅଧ୍ୟାୟ ୧୮ ନମ୍ବର ଶ୍ଳୋକରେ କୁହାଯାଇଛି "ବିଦ୍ୟାବିନୟସଂପନ୍ନେ ବ୍ରାହ୍ମଣେ ଗବି ହସ୍ତିନି, ଶୁନି ଚୈବ ଶ୍ୱପାକେ ଚ ପଣ୍ଡିତାଃ ସମଦର୍ଶିନଃ ।'

ସନାତନ ସଂସ୍କୃତିରେ ଗୁରୁଙ୍କୁ ବ୍ରହ୍ମା ବିଷ୍ଣୁ ଓ ମହେଶ୍ୱରଙ୍କ ସହିତ ତୁଳନା କରାଯାଇଛି। ଶାସ୍ତ୍ର କହନ୍ତି "ଗୁରୁ ର୍ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁ ର୍ଦେବୋ ମହେଶ୍ୱରଃ, ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ।' ଏହି ଗୁରୁ ପରଂପରା ସୃଷ୍ଟି ଆରମ୍ଭରୁ ଚାଲି ଆସିଛି। ବ୍ରହ୍ମା ହେଉଛନ୍ତି ଏହି ସୃଷ୍ଟିର ଆଦ୍ୟ ଗୁରୁ। ମହାତପସ୍ୱୀ ଯୋଗୀ ଶିବ ଶଙ୍କରଙ୍କୁ ଆଦ୍ୟ ଯୋଗ ଗୁରୁ ଭାବେ ଆମ ଶାସ୍ତ୍ର ଉଲ୍ଲେଖ କରିଛନ୍ତି। ବ୍ରହ୍ମଦେବ ପ୍ରଥମେ ଚାରି ବେଦକୁ ସୃଷ୍ଟି କରି ନିଜର ପୁତ୍ର ମାନଙ୍କୁ ପ୍ରଦାନ କରିଥିଲେ। ଏହାପରେ ତାଙ୍କ ପୁତ୍ର ମାନେ ପରମ୍ପରା କ୍ରମେ ବେଦର ପ୍ରଚାର ପ୍ରସାର କରିଥିଲେ। ବେଦକୁ ଶୁଣି ଶୁଣି ମନେ ରଖିବାକୁ ପଡୁଥିଲା, କାରଣ ଏହାକୁ ଲିପିବଦ୍ଧ କରି ରଖିବାକୁ କୌଣସି ଲିପିର ଉଦ୍ଭାବନ ହୋଇ ନଥିଲା । ସେଥିପାଇଁ ବେଦର ଅନ୍ୟ ନାମ ଶୃତି ବୋଲି କୁହାଯାଏ। ପ୍ରଥମ କରି ମହର୍ଷି ପରାଶରଙ୍କ ନନ୍ଦନ ବ୍ୟାସଦେବ ବେଦକୁ ଚାରିଭାଗ କରି ଲିପିବଦ୍ଧ କରି ସମଗ୍ର ଜନମାନସ ନିକଟରେ ପହଞ୍ଚାଇବା ସହିତ ଅଷ୍ଟାଦଶ ପୁରାଣ ଓ ଉପ ପୁରାଣ ରଚନା କରିଥିବାରୁ ଗୁରୁ ପରମ୍ପରାରେ ତାଙ୍କୁ ଆଦ୍ୟ ଗୁରୁ ବୋଲି ଅବିହିତ କରାଯାଏ। ତାଙ୍କର ଜନ୍ମ ଆଷାଢ଼ ପୂର୍ଣ୍ଣମୀକୁ ଗୁରୁ ପୂର୍ଣ୍ଣମୀ ବା ବ୍ୟାସ ପୂର୍ଣ୍ଣମୀ ଭାବେ ପାଳନ କରାଯାଇଥାଏ । ବ୍ୟାସଦେବଙ୍କୁ ମଧ୍ୟ ବିଷ୍ଣୁଙ୍କର ଅଂଶାବତାର ବୋଲି କୁହାଯାଏ । "ବ୍ୟାସାୟ ବିଷ୍ଣୁ ରୂପାୟ ବ୍ୟାସରୂପାୟ ବିଷ୍ଣବେ।' ବ୍ୟାସଦେବଙ୍କଙ୍କ ପୁତ୍ର ଶୁକ ମୁନି ଭଗବତ ଶୁଣାଇ ରାଜା ପରୀକ୍ଷିତଙ୍କୁ ବ୍ରହ୍ମଶାପରୁ ମୁକ୍ତି କରିଥିଲେ ଓ ଭାଗବତ ଶ୍ରବଣ କରି ରାଜା ମୋକ୍ଷ ଲାଭ କରିପାରିଥିଲେ। ଏହି ମାୟାବଦ୍ଧ ଜୀବଟିକୁ ମୁକ୍ତିର ରାସ୍ତା କେବଳ ଜଣେ ତତ୍ତ୍ୱଦର୍ଶୀ ବା ବ୍ରହ୍ମଦର୍ଶୀ ଗୁରୁଙ୍କ ଦ୍ୱାରା ସମ୍ଭବ। ସାଧାରଣତଃ ଆମେ ଯେତେବେଳେ କେଉଁ ବ୍ୟକ୍ତି ବା ଜୀବଠାରୁ ଜୀବନ ସମ୍ବନ୍ଧୀୟ କିଛି ଜ୍ଞାନ ପାଇଥାଉ ସେତେବେଳ ସ୍ୱତଃ ତାଙ୍କ ନିକଟରେ ମୁଣ୍ଡ ନଇଁ ଯାଇଥାଏ ଓ ତାଙ୍କୁ ଆମେ ଗୁରୁ ବୋଲି ସ୍ୱୀକାର କରିଥାଉ। ଠିକ ସେଇଭଳି ଅବଧୂତ ତାଙ୍କ ଜୀବନରେ ୨୪ ଗୁରୁ କରିଥିବା କଥା ଉଲ୍ଲେଖ କରିଛନ୍ତି। ମା' ହିଁ ସନ୍ତାନର ଆଦ୍ୟ ଗୁରୁ । ପିଲାଟି ଭୂମିଷ୍ଠ ହେବା ପରେ ସେ ତାକୁ ଖାଇବା ଶିଖାଇବା ଚାଲି ଶିଖାଇବା କଥା କହିବା ଶିକ୍ଷା ଦେବା ସହିତ ସଂସ୍କାର ଓ ପ୍ରେମ ଶିକ୍ଷା ଦେଇଥାଏ। ଠିକ୍ ସେଇଭଳି ପିତା ହିଁ ପୁତ୍ରର ଦ୍ୱିତୀୟ ଗୁରୁ । ସେ ତାକୁ ଶିକ୍ଷା ଅଧ୍ୟତ୍ମିକତା ସଂସ୍କାର ଆଦି ଶିକ୍ଷା ଦେଇଥାଏ ଏହାପରେ ପିଲାଟି ବିଦ୍ୟାଳୟ ଗଲେ ଶିକ୍ଷକ ମାନେ ତାକୁ ବିଭିନ୍ନ ଜ୍ଞାନ ପ୍ରଦାନ ସହିତ ନୈତିକତା ସଂସ୍କାର ଦେଶପ୍ରେମ ଆଦି ଶିକ୍ଷା ଦେଇଥାନ୍ତି । ସେମାନଙ୍କୁ ଶିକ୍ଷା ଗୁରୁ ବୋଲି କୁହାଯାଏ। ବହୁ ପ୍ରାଚୀନ କାଳରୁ ଭାରତରେ ଗୁରୁକୁଳ ପରମ୍ପରା ଚାଲି ଆସୁଥିଲା । ଛାତ୍ର ମାନେ ଗୁରୁ ଗୃହରେ ରହି ଭୌତିକ ଜ୍ଞାନ ଆହରଣ କରିବା ସହିତ ଆଧାତ୍ମିକ ଜ୍ଞାନ ଅର୍ଜନ କରୁଥିଲେ । ସେଥିପାଇଁ ସେମାନେ ଜଣେ ଜଣେ ଦେଶ ପ୍ରେମୀ ସଂସ୍କାରି ଚରିତ୍ରବାନ ଇଶ୍ୱର ବିଶ୍ୱାସୀ ଶାସ୍ତ୍ରବିତ୍ ନୀତିବାନ ସତ୍ୟନିଷ୍ଠ ମଣିଷ ଭାବେ ନିଜକୁ ଗଢି ତୋଳିବା ସହିତ ଏକ ଆଦର୍ଶ ସାମାଜିକ ଜୀବନ ଯାପାନ କରୁଥିଲେ। ଇଂରେଜମାନେ ଯେତେବେଳେ ଭାରତକୁ ଅକ୍ତିଆର କଲେ, ସେମାନେ ଅନୁଭବ କଲେ ଯେ ଗୁରୁକୁଳରୁ ଉତ୍ତୀର୍ଣ୍ଣ ହେଉଥିବା ପ୍ରତ୍ୟେକ ଛାତ୍ର ଜଣେ ଜଣେ ଦେଶପ୍ରେମୀ ସଂସ୍କାରି ଓ ଭାରତୀୟ ବୈଦିକ ସଂସ୍କୃତି ସଂପର୍ଣ୍ଣ । ସେମାନଙ୍କୁ ଇଂରାଜୀ ବା ବିଦେଶୀ ସଂସ୍କୃତିକୁ ଆପଣାଇବା ଏକ କଷ୍ଟକର ବ୍ୟାପାର। ସେତେବେଳେ ସେମାନେ ଶିକ୍ଷା ସଂସ୍କାର ନାମରେ ଗୁରୁକୁଳଗୁଡିକୁ ବନ୍ଦ କରିଦେବା ସହିତ ଆଧୁନିକ ଶିକ୍ଷା ପ୍ରଚଳନ କଲେ। ଗୁରୁକୁଳ ବନ୍ଦ ହୋଇଯିବା ପରେ ଗୁରୁ ଶିଷ୍ୟ ପରମ୍ପରା ସହିତ ପ୍ରକୃତ ଗୁରୁଙ୍କର ପରିସମାପ୍ତି ହୋଇଗଲା । ୧୯୪୭ ମସିହା ବେଳକୁ ଭାରତରେ ପ୍ରାୟ ୩୮ ହଜାର ଗୁରୁକୁଳ ଭାରତରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ କାର୍ଯ୍ୟକ୍ଷମ ଥିଲା। ଆଧୁନିକ ଶିକ୍ଷା ପ୍ରଦାନ କରୁଥିବା କ୍ଷେତ୍ରର ହେଉ ସଂସ୍କୃତି କ୍ଷେତ୍ରର ହେଉ କଳା ସଂଗୀତ ବା ନୃତ୍ୟ କ୍ଷେତ୍ରର ହେଉ ସମସ୍ତେ ଜଣେ ଜଣେ ଶିକ୍ଷକ। ଜଣେ ଶିକ୍ଷକ କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟରେ ପାରଦର୍ଶିତା ଲାଭ କରି ନିଜର ଜ୍ଞାନକୁ ଛାତ୍ର ମାନଙ୍କ ଭିତରେ ବାଣ୍ଟିଥାଏ ଓ ଛାତ୍ରର ସଫଳତାରେ ଆନନ୍ଦ ଅନୁଭବ କରିଥାଏ । ଜଣେ ଚରିତ୍ରବାନ ସତ୍ୟନିଷ୍ଠ ଇଶ୍ୱର ବିଶ୍ୱାସୀ ନିଷ୍ପାପର ସଦାଚାରୀ ସଂସ୍କାରି ଜ୍ଞାନର ଅଧିକାରୀ ବ୍ୟକ୍ତି ହିଁ ଜଣେ ଆଦର୍ଶ ଶିକ୍ଷକ ପଦବାଚ୍ୟ । ଶିକ୍ଷକକୁ ଶିକ୍ଷା ଗୁରୁ ଭାବେ ବିଚାର କରାଯାଏ । ସେ ନିଜର ସମସ୍ତ ଜ୍ଞାନକୁ ଛାତ୍ର ମାନଙ୍କ ଭିତରେ ବାଣ୍ଟି ଆତ୍ମସନ୍ତୋଷ ଲାଭ କରିଥାଏ। ସେ ପିଲାଙ୍କୁ ଭୌତିକ ଜ୍ଞାନ ସହିତ ସଂସ୍କାରି ସଚ୍ଚୋଟ ପରୋପକାରୀ ଦେଶ ଭକ୍ତ ଓ ଭଲ ମଣିଷ ହେବାକୁ ମାର୍ଗଦର୍ଶନ କରିଥାଏ। ଜଣେ ଗୁରୁ ଆଉ ଶିକ୍ଷକ ଭିତରେ ଏହାହିଁ ପାଥର୍କ୍ୟ ଯେ ଜଣେ ଗୁରୁ ଭୌତିକ ଜ୍ଞାନ ସହିତ ଶାସ୍ତ୍ର ଜ୍ଞାନ ଏବଂ ଆଧ୍ୟାତ୍ମିକ ଜ୍ଞାନ ପ୍ରଦାନ କଲାବେଳେ ଜଣେ ଶିକ୍ଷକ ଆଧାତ୍ମିକ ଗୁରୁ ନୁହେଁ । ବହିଃଜଗତ ବା ପ୍ରକୃତି ସମ୍ବନ୍ଧୀୟ ଜ୍ଞାନ ଶିକ୍ଷକ ପ୍ରଦାନ କରୁଥିବାବେଳେ ଗୁରୁ ମଣିଷର ଅନ୍ତର୍ନିହିତ ଶକ୍ତିର ବିକାଶ ଓ ଇଶ୍ୱରଙ୍କ ସହିତ ଥିବା ସମ୍ବନ୍ଧ ସହିତ ମୁକ୍ତିର ମାର୍ଗ ର୍ଦଶନ କରିଥାଏ କାରଣ ଗୁରୁଙ୍କର ଇଶ୍ୱରଙ୍କ ସହିତ ପ୍ରତାକ୍ଷ ଅନୁଭୂତି ରହିଥାଏ । Science (ବିଜ୍ଞାନ) ଏବଂ Spiritual Science (ଆଧାତ୍ମିକ ବିଜ୍ଞାନ) ଭିତରେ ଥିବା ସମ୍ବନ୍ଧ ଯାହା ଠିକ ଗୁରୁ ଓ ଶିକ୍ଷକଙ୍କ ଭିତରେ ଥିବା ସଂପର୍କ ସେଇଆ । ବିଜ୍ଞାନ ପ୍ରକୃତି ଉପରେ ଗବେଷଣା କରି ଯେଉଁ ସତ୍ୟକୁ ଉଦ୍‌ଘାଟନ କରିଥାଏ ସେ ହେଉଛି ବିଜ୍ଞାନ । ଏହି ଜ୍ଞାନ ବା ରହସ୍ୟକୁ ଯେଉଁମାନେ ଲୋକଲୋଚନକୁ ଆଣିଥାନ୍ତି ସେମାନଙ୍କୁ ବୈଜ୍ଞାନିକ କୁଯାଉଥିବା ବେଳେ ଏହି ଜ୍ଞାନକୁ ଅତି ସୁନ୍ଦର ଭାବରେ ଛାତ୍ରମାନଙ୍କ ନିକଟରେ ପରିବେଷଣ କରୁଥିବା ବ୍ୟକ୍ତି ମାନଙ୍କୁ ଶିକ୍ଷକ କୁହା ଯାଇଥାଏ। ପିଣ୍ଡ ଭିତରେ ବ୍ରହ୍ମାଣ୍ଡକୁ ଅନୁଭବ କରିବାକୁ ଆଧ୍ୟାତ୍ମିକ ବିଜ୍ଞାନ କୁହାଯାଏ । ଏହାକୁ ଯେଉଁମାନେ କରିଥାନ୍ତି ସେମାନଙ୍କୁ ଗୁରୁ କୁହାଯାଏ। ଇଂରାଜୀରେ କୁହାଯାଏ Guru is ବ spiritual guide who leads ବ person from ignorance to inner enlightenment where as a teacher is a formal instructor, who imparts academic knowledge skill, values and competencies. ଆଜି ଶିକ୍ଷକ ଓ ଛାତ୍ର ସଂପର୍କରେ ସ୍ଖଳନ ଘଟିଛି । ଆଜି ଶିକ୍ଷକ ତା'ର ଛାତ୍ରୀ ସହିତ ଅନୈତିକ ସଂପର୍କ ରଖୁଛି । ବିଦ୍ୟାଳୟ ରୂପକ ମନ୍ଦିର ଆଜି କଳଙ୍କିତ । ଛାତ୍ର ଓ ଶିକ୍ଷକ ଭିତରେ ଥିବା ସଂର୍ପକ ଆଜି କଳୁଷିତ। ଶିକ୍ଷକମାନଙ୍କ ନୈତିକ ସ୍ଖଳନ ପାଇଁ ଆଜି ଛାତ୍ର ଛାତ୍ରୀମାନେ ତାଙ୍କୁ ସମ୍ମାନ ଦେଉନାହାନ୍ତି । ସମସ୍ତ ଶିକ୍ଷକ ଯେ କଳଙ୍କିତ ତାହା ମୁଁ କହୁ ନାହିଁ । ଆଜି ଖବର କାଗଜ ପୃଷ୍ଠା ଖୋଲିଲେ କୋଉଠି ନା କୋଉଠି ଏଭଳି ସମାଚାର ଦେଖିବାକୁ ମିଳୁଛି । କିନ୍ତୁ ଜଣେ ଆଧ୍ୟାତ୍ମିକ ଗୁରୁ ନିଜର ଇନ୍ଦ୍ରୀୟ ଓ ମନକୁ ଜୟ କରିଥାଏ। ଯାହାଫଳରେ ତା'ର ମନରେ କୌଣସି କାମ କ୍ରୋଧ ଲୋଭ ଓ ମୋହ ନଥାଏ । ସେଥିପାଇଁ ସେ ଗୁରୁ । ଗୁରୁ କୁଳରେ ଗୁରୁ ଓ ଛାତ୍ର ଭିତରେ ଥିଲା ଏକ ପବିତ୍ର ସମ୍ପର୍କ। ଗୁରୁଙ୍କ ବାକ୍ୟକୁ ଶିଷ୍ୟ ଅତ୍ୟନ୍ତ ନିଷ୍ଠା ଓ ଭକ୍ତିର ସହିତ ପାଳନ କରୁଥିଲା। ଆରୁଣି ଉପାଖ୍ୟାନ ସମସ୍ତେ ଜାଣିଛନ୍ତି। ଆରୁଣି ଗୁରୁ ଗୃହରେ ରହି ବିଦ୍ୟା ଶିକ୍ଷା କରୁଥିଲେ। ଦିନେ ପ୍ରବଳ ବର୍ଷା ହେବାରୁ ଗୁରୁ ଆରୁଣିକୁ ତାଙ୍କ ବିଲକୁ ଯାଇ ଦେଖି ଆସିବାକୁ ପଠେଇଲେ। ଆରୁଣି ଯାଇ ଦେଖିଲେ ଗୁରୁଙ୍କ ଜମିର ହିଡ଼ ଭାଙ୍ଗି ଖୁବ ଜୋରରେ ବର୍ଷା ପାଣି ପଶୁଛି। ଆରୁଣି ପାଣିକୁ ବନ୍ଦ କରିବାକୁ ଚେଷ୍ଟା କରି ବିଫଳ ହେବାରୁ ସେ ନିଜେ ପାଣି ସ୍ରୋତକୁ ଅଟକାଇବାକୁ ଯାଇ ବନ୍ଧ ସଦୃଶ ସେଠାରେ ଶୋଇପଡିଲେ। ଶିଷ୍ୟ ଫେରିବା ବିଳମ୍ବ ଦେଖି ଗୁରୁ ନିଜେ ବିଲକୁ ଆସି ଦେଖିଲେ ଆରୁଣି ପାଣି ସ୍ରୋତକୁ ଅଟକାଇବା ପାଇଁ ବିଲରେ ଶୋଇଛନ୍ତି । ଛାତ୍ରଙ୍କ ଏଭଳି ନିଷ୍ଠା ଓ ଗୁରୁ ଭକ୍ତି ଦେଖି ସେ ଆଶ୍ଚର୍ଯ୍ୟ ହୋଇଥିଲେ। ଆଜି ଯଦି ଜଣେ ଶିକ୍ଷକ ତା'ର ଛାତ୍ରକୁ ଏ ଭଳି କାର୍ଯ୍ୟ କରିବା ପାଇଁ ଉପଦେଶ ଦିଏ ସେ ଛାତ୍ରଟି ସିଧା ମୁଁହରେ ମନା କରିଦେବ। ଆଜିର ଛାତ୍ର ଶିକ୍ଷକ ସଂର୍ପକ କଳୁଷିତ। ସେପ୍ଟେମ୍ବର ୫ ତାରିଖକୁ ଦେଶ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମ ଦିନକୁ ଗୁରୁ ଦିବସ ଭାବେ ପାଳନ କରି ଆସୁଅଛି। ଏହାକୁ ଗୁରୁ ଦିବସ ପରିବର୍ତ୍ତେ ଶିକ୍ଷକ ଦିବସ କହିଲେ ଠିକ ହୁଅନ୍ତା ବୋଲି ମୋର ମତ।

# 'ଶିକ୍ଷାନୁଷ୍ଠାନରେ ନୈତିକ ଉନ୍ନତି ଓ ମୂଲ୍ୟବୋଧ'



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ମାନବ ସମାଜର ଉପଯୁକ୍ତ ବିକାଶ ପାଇଁ କେବଳ ଜ୍ଞାନ ଯଥେଷ୍ଟ ନୁହେଁ; ଏଥିପାଇଁ ନୈତିକତା ଏବଂ ମୂଲ୍ୟବୋଧ ଆବଶ୍ୟକ। ଜଣେ ବ୍ୟକ୍ତିକୁ ସଚ୍ଚୋଟ, ଦାୟିତ୍ୱବାନ ଏବଂ ଭଲ ନାଗରିକ ଭାବରେ ଗଢ଼ି ତୋଳିବାରେ ନୈତିକ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି ନୈତିକତାର ମୂଳଦୁଆ କେବଳ ଏକ ଶିକ୍ଷାନୁଷ୍ଠାନରେ ସ୍ଥାପନ କରାଯାଇପାରିବ। ସେହିପରି, ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଜ୍ଞାନ ପ୍ରଦାନ କରିବା ପାଇଁ ନୁହେଁ, ବରଂ ମାନବ ଚରିତ୍ର ଗଠନ ପାଇଁ ପବିତ୍ର କେନ୍ଦ୍ର ଭାବରେ କାର୍ଯ୍ୟ କରନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକ ସମାଜର ମୂଳଦୁଆ। ଏଠାରେ, ଛାତ୍ରମାନେ କେବଳ ପୁସ୍ତକୀୟ ଜ୍ଞାନ ନୁହେଁ ବରଂ ଜୀବନ ମୂଲ୍ୟ ମଧ୍ୟ ଶିଖନ୍ତି। ଯଦି ପିଲାମାନଙ୍କୁ ଛୋଟ ବୟସରୁ ସତ୍ୟ, ଅହିଂସା, ଦୟା, ସହନଶୀଳତା, ସହଯୋଗ ଏବଂ ଶୃଙ୍ଖଳା ଭଳି ମୂଲ୍ୟବୋଧ ଶିକ୍ଷା ଦିଆଯାଏ, ତେବେ ସେମାନେ ଭବିଷ୍ୟତରେ ଭଲ ନାଗରିକ ହୋଇପାରିବେ। ତେଣୁ, ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକ ଉନ୍ନତିର ବହୁତ ଗୁରୁତ୍ୱ ଅଛି। ପ୍ରାଚୀନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ, ନୈତିକତାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଗୁରୁକୂଳ ବ୍ୟବସ୍ଥାରେ, ଛାତ୍ରମାନେ ଜଣେ ଗୁରୁଙ୍କ ମାର୍ଗଦର୍ଶନରେ ରହୁଥିଲେ ଏବଂ ଶିକ୍ଷା ଗ୍ରହଣ କରୁଥିଲେ। ସେଠାରେ, ସେମାନଙ୍କୁ କେବଳ ଶୈକ୍ଷିକ ଜ୍ଞାନ ନୁହେଁ ବରଂ ନୈତିକ ଶିକ୍ଷା ଏବଂ ଜୀବନଶୈଳୀ ମଧ୍ୟ ଶିକ୍ଷା ଦିଆଯାଉଥିଲା। ଗୁରୁକୂଳଗୁଡ଼ିକ ଗୁରୁଙ୍କ ପ୍ରତି ସମ୍ମାନ, ସତ୍ୟବାଦୀ, ଶୃଙ୍ଖଳା ଏବଂ ଆତ୍ମନିୟନ୍ତ୍ରଣ ଭଳି ସଦଗୁଣ ଶିକ୍ଷା ଦେଉଥିଲେ। ଏହି ବ୍ୟବସ୍ଥା ଛାତ୍ରମାନଙ୍କୁ ଭଲ ଚରିତ୍ର ସହିତ ବିକଶିତ କରିଥିଲା।

କିନ୍ତୁ ଆଜି ଶିକ୍ଷା ବ୍ୟବସ୍ଥା ଅଧିକ ପ୍ରତିଯୋଗିତାମୂଳକ ହୋଇଗଲାଣି। ଛାତ୍ରମାନେ ଅଧିକ ନମ୍ବର ଏବଂ ଭଲ ଚାକିରି ପାଇବା ପାଇଁ ପାଠ ପଢୁଛନ୍ତି। ଏହି କାରଣରୁ, ନୈତିକତା ଏବଂ ମୂଲ୍ୟବୋଧର ଗୁରୁତ୍ୱ ହ୍ରାସ ପାଇଛି। କେତେକ ସମୟରେ ଆମେ ଛାତ୍ରଛାତ୍ରୀମାନଙ୍କୁ ଠକିବା, ମିଛ କହିବା ଏବଂ ଭୁଲ ପଥ ଅନୁସରଣ କରିବା ଭଳି କାର୍ଯ୍ୟକଳାପରେ ଲିପ୍ତ ହେଉଥିବାର ଦେଖୁ। ଏହି ପରିସ୍ଥିତି ଆମକୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାକୁ ପୁନଃ ଗୁରୁତ୍ୱ ଦେବାର ଆବଶ୍ୟକତାକୁ ଅନୁଭବ କରାଏ। ନୈତିକ ଶିକ୍ଷା ପ୍ରଦାନ କରିବାରେ ଶିକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଦର୍ଶ ଭାବରେ କାର୍ଯ୍ୟ କରନ୍ତି। ସେମାନଙ୍କର ଆଚରଣ, ଆଦର୍ଶ ଏବଂ ଜୀବନଶୈଳୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରେ। ଯଦି ଶିକ୍ଷକମାନେ ସତ୍ୟବାଦୀ, ଶୃଙ୍ଖଳିତ ଏବଂ ଦାୟିତ୍ୱବାନ ହୁଅନ୍ତି, ତେବେ ଛାତ୍ରଛାତ୍ରୀମାନେ ସମାନ ଗୁଣ ଗ୍ରହଣ କରିବାକୁ ପ୍ରେରଣା ପାଇବେ। ତେଣୁ, ଛାତ୍ରମାନଙ୍କ ଜୀବନ ଗଠନରେ ଶିକ୍ଷକଙ୍କ ନୈତିକ ଆଚରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ବ୍ୟତୀତ, ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଭିନ୍ନ ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମଧ୍ୟ ନୈତିକ ବିକାଶ ହାସଲ କରାଯାଇପାରିବ। ପ୍ରାର୍ଥନା ସଭା, ପ୍ରବାଦ, ଜାତୀୟ ପର୍ବ ପାଳନ, ସମାଜସେବା କାର୍ଯ୍ୟକ୍ରମ ଏବଂ ସ୍ୱଚ୍ଛତା ଅଭିଯାନ ଭଳି କାର୍ଯ୍ୟକଳାପ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ, ଦାୟିତ୍ୱ ଏବଂ ସହଯୋଗର ଭାବନା ସୃଷ୍ଟି କରେ। ଏହା ସେମାନଙ୍କୁ ସମାଜ ପ୍ରତି ସେମାନଙ୍କର ଦାୟିତ୍ୱ ବୁଝିବାରେ ସାହାଯ୍ୟ କରେ।

ନୈତିକ ବିକାଶ ପାଇଁ ପରିବାର ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପିଲାମାନେ ପ୍ରଥମେ ଘରେ ନୈତିକତା ଶିଖନ୍ତି। ଯଦି ପରିବାରରେ ସତ୍ୟବାଦୀ, ସମ୍ମାନ ଏବଂ ଶୃଙ୍ଖଳାର ପରିବେଶ ଥାଏ, ତେବେ ସେମାନେ ଏହି ଗୁଣଗୁଡ଼ିକୁ ଗ୍ରହଣ କରନ୍ତି। ଯଦି ଶିକ୍ଷାନୁଷ୍ଠାନ ଏବଂ ପରିବାର ପିଲାମାନଙ୍କୁ ନୈତିକ ଶିକ୍ଷା ଦେବା ପାଇଁ ଏକାଠି କାମ କରନ୍ତି, ତେବେ ସେମାନଙ୍କର ଚରିତ୍ର ସୁଦୃଢ଼ ହୋଇପାରିବ। ଆଜିର ଦୁନିଆରେ, ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ଗଣମାଧ୍ୟମ ଛାତ୍ରଛାତ୍ରୀଙ୍କ ଜୀବନ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଉଛି। କେତେକ ସମୟରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ, କିନ୍ତୁ କେତେକ ସମୟରେ ଏହା ନୈତିକ ମୂଲ୍ୟବୋଧକୁ ଦୁର୍ବଳ କରିପାରେ। ତେଣୁ, ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନୀ ଭାବରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ଏବଂ ଭଲ ଏବଂ ଖରାପ ମଧ୍ୟରେ ପାର୍ଥକ୍ୟ ଶିଖାଇବା ଉଚିତ। ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା କେବଳ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷିତ ହେବାରେ ସାହାଯ୍ୟ କରେ ନାହିଁ ବରଂ ସେମାନଙ୍କୁ ଭଲ ମଣିଷ ହେବାରେ ମଧ୍ୟ ସାହାଯ୍ୟ କରେ। ନୈତିକତା ବିନା ଶିକ୍ଷା ସମାଜ ପାଇଁ କ୍ଷତିକାରକ ହୋଇପାରେ। ତେଣୁ, ଶିକ୍ଷା ବ୍ୟବସ୍ଥାରେ ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀମାନେ ନୈତିକ, ଦାୟିତ୍ୱବାନ ଏବଂ ସଚ୍ଚୋଟ ନାଗରିକ ବିକଶିତ ହୁଅନ୍ତୁ ତାହା ନିଶ୍ଚିତ କରିବା ଆମର ଦାୟିତ୍ୱ। ତେଣୁ, ସମାଜର ପ୍ରଗତି ଏବଂ ଶାନ୍ତି ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାରେ ଉନ୍ନତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ




ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୧୦୬

## କୌରବଙ୍କର ମୁଖ୍ୟ ସେନାପତି ଘୋଷଣା ଓ ବଳରାମଙ୍କ ତୀର୍ଥଗମନ-୨



ସମସ୍ତେ ନୀରବରେ ଶୁଣୁଥିଲେ ବଳରାମଙ୍କୁ। ବଳରାମ ପୁଣି କହିଲେ, "ଯୁଧିଷ୍ଠିର, ଭୟଙ୍କର ଧ୍ୱଂସ ତୁମ ଆଗରେ! ମୁଁ ଦେଖିପାରୁଛି, କୁରୁକ୍ଷେତ୍ରର ମାଟି ରକ୍ତରେ ଲାଲ ହୋଇଯିବ। ମୁଁ ଅନେକଥର କୃଷ୍ଣଙ୍କୁ କହିଲି - ଅଜ୍ଞ ଓ ବୃଦ୍ଧମାନେ ଯୁଦ୍ଧ କରିବାକୁ ବାହାରିଛନ୍ତି। ପାଣ୍ଡବ ଓ କୌରବ ଆମର ସମାନ ଭାବେ ପ୍ରିୟ। ଆମେ ସେ ଯୁଦ୍ଧରେ କୌଣସି ପକ୍ଷ ନେବା ନାହିଁ। ସେ ଶୁଣିଲା ନାହିଁ। ତୁମକୁ ସମର୍ଥନ କଲା। କୌରବମାନଙ୍କ ଧ୍ୱଂସ ମୁଁ ଦେଖିପାରିବି ନାହିଁ। ଭୀମ ଓ ଦୁର୍ଯ୍ୟୋଧନ ଉଭୟ ମୋର ଶିଷ୍ୟ ଓ ପ୍ରିୟ। ମୁଁ କାହାର ବିରୁଦ୍ଧରେ ଯାଇପାରିବିନାହିଁ। ମୁଁ ସ୍ଥିର କରିଛି, ତୀର୍ଥସ୍ଥାନ ଭ୍ରମଣରେ ଯିବି। ଯୁଦ୍ଧ ଦେଖିବି ନାହିଁ କି ଯୁଦ୍ଧର ସମ୍ବାଦ ରଖିବିନାହିଁ।"

ଏହିଭଳି କହିବା ବେଳେ ତାଙ୍କର ସମଗ୍ର ଶରୀରକୁ ଦୁଃଖ ଦୋହଲେଇ ଦେଉଥିଲା। ଏବଂ ଈଶ୍ୱରଙ୍କ ଠାରେ ତାଙ୍କ ଚିତ୍ତ ଲାଖିରହିଥିବା ଭଳି ଲାଗୁଥିଲା।

ବଳରାମଙ୍କ କାହାଣୀ ସୂଚାଏ କି ଦୁନିଆରେ ସାଧୁ ଓ ନ୍ୟାୟପରାୟଣ ବ୍ୟକ୍ତିମାନେ, କୌଣସି କଳହର ସମାଧାନ ନହେଲେ କଳହରୁ ଦୂରରେ ରହିବାକୁ ଉଚିତ୍ ମଣନ୍ତି।

ବଳରାମ ସେ ସ୍ଥାନ ଛାଡ଼ିଲେ।

କୌଣସି କଳହର ବା ଯୁଦ୍ଧରେ ସାଧୁ ବ୍ୟକ୍ତିମାନେ ଅଧିକ କଷ୍ଟ ପାଆନ୍ତି। ମାତ୍ର ଅସାଧୁ ବ୍ୟକ୍ତିମାନଙ୍କର ସେ କଷ୍ଟ ନଥାଏ, କାରଣ ସ୍ୱାର୍ଥ ଓ ଅହଂ ଦ୍ୱାରା ପରିଚାଳିତ ହୋଇଥାନ୍ତି ସେମାନେ।

ରାମାୟଣରେ ମଧ୍ୟ ସାଧୁ ବ୍ୟକ୍ତିମାନେ ଏହିପରି କଷ୍ଟ ଭୋଗକରିଛନ୍ତି। ଯଦିବା ପରିସ୍ଥିତିରୁ ନିଜକୁ ମୁକ୍ତ କରିପାରିନାହାଁନ୍ତି। ଦଶରଥ, ମାରିଚ, କୁମ୍ଭକର୍ଣ୍ଣ ପ୍ରକୃଷ୍ଟ ଉଦାହରଣ। ସେହିପରି ମହାଭାରତ ଯୁଦ୍ଧରେ ଭୀଷ୍ମ, ଦ୍ରୋଣ, କୃପ ଆଦି କଷ୍ଟ ଭୋଗିଲେ କିନ୍ତୁ ଆପଣାକୁ ଦୂରେଇ ପାରିଲେ ନାହିଁ।

ମହାଭାରତ ଯୁଦ୍ଧରେ ଦୁଇଜଣ ନିରପେକ୍ଷ ରହିବା ଦେଖାଯାଏ, ଯଦିବା ପ୍ରବଳ ସଂପୃକ୍ତି ସେମାନଙ୍କର ଥିଲା। ସେମାନେ ହେଲେ, ଶ୍ରୀ ବଳରାମ ଓ ଭୋଜକଟର ରାଜା ଓ ରୁକ୍ମିଣୀଙ୍କ ଭାଇ ରୁକ୍ମ। ରୁକ୍ମଙ୍କ ବିଷୟରେ ପର ଅଧ୍ୟାୟରେ କୁହାଯିବ।

**ଆସ ମନେରଖିବା :** ଶ୍ରୀକୃଷ୍ଣଙ୍କର ବଡ଼ଭାଇ ହେଉଛନ୍ତି ବଳରାମ। ସେ ଶେଷନାଗଙ୍କର ଅବତାର। ପ୍ରଚଣ୍ଡ ବଳର ଅଧିକାରୀ ହୋଇଥିବାରୁ ତାଙ୍କର ନାମ ବଳଦେବ। ଉଭୟ ଭୀମ ଓ ଦୁର୍ଯ୍ୟୋଧନ ତାଙ୍କର ଶିଷ୍ୟ ହୋଇଥିବାରୁ ତଥା ସେ ଶାନ୍ତିର ସପକ୍ଷରେ ଥିବାରୁ କୁରୁକ୍ଷେତ୍ର ଯୁଦ୍ଧରେ ନିରପେକ୍ଷ ରହିଥିଲେ। ପ୍ରଦ୍ୟୁମ୍ନଙ୍କୁ ସାଥିରେ ଧରି ସେ ତୀର୍ଥଯାତ୍ରା କରିଥିଲେ। କୁରୁକ୍ଷେତ୍ର ଯୁଦ୍ଧର ଶେଷଦିନ ସେ ଫେରିଆସିଥିଲେ। ଭୀମ ଓ ଦୁର୍ଯ୍ୟୋଧନ ମଧ୍ୟରେ ଯୁଦ୍ଧ ଦେଖିବାକୁ। ଯୁଦ୍ଧ କାଳରେ ଭୀମ ଦୁର୍ଯ୍ୟୋଧନର ଜଂଘକୁ ଆଘାତ କରି ତାକୁ ମାରିଦେଇଥିଲେ। ଏହା ଯୁଦ୍ଧର ନିୟମ ଭଙ୍ଗ କରୁଥିବାରୁ ବଳରାମ ଭୀମ ଉପରେ ରାଗିଗଲେ ଓ ତାସହ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ। କିନ୍ତୁ କୃଷ୍ଣ, ଭୀମଙ୍କର ଶପଥ ସମ୍ପର୍କରେ ତାଙ୍କୁ ମନେପକେଇ ଦେବାରୁ ବଳରାମ ଶାନ୍ତ ପଡ଼ିଥିଲେ। **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ଆସ ମା ମହାଲକ୍ଷ୍ମୀ



### ସୁଧାକର ରାଉତ

ଅପୂର୍ଣ୍ଣ ଜୀବନେ ଆଙ୍କିଦିଅ ମାତ
ପରିପୂର୍ଣ୍ଣତାର ଚିତ୍ର
ପୂର୍ଣ୍ଣତାର ଭବ୍ୟ ପ୍ରତିମୂର୍ତ୍ତି ତୁମେ
ଆମେ ଶୂନ୍ୟତାର ପାତ୍ର ।

କ୍ଷୀର ସମୁଦ୍ର ମନ୍ଥନରୁ ମାଆଗୋ
ହୋଇଥିଲ ପରା ଜାତ
ଜଳର ଈଶ୍ୱର ବରୁଣଙ୍କ ପୁତ୍ରୀ
ରୂପେ ଜଗତର ଖ୍ୟାତ ।

ଲୋହିତ ବସ୍ତ୍ର ପରିଧାନ ପୂର୍ବକ
ପଦ୍ମଫୁଲେ ହୋଇ ବିଜେ
ଦୁଇ ହାତେ ତୁମ ପଦ୍ମ ଶୋଭା ପାଏ
ଜଳ ସିଞ୍ଚୁଥାନ୍ତି ଗଜେ ।

ତୁମ ଆଗମନେ ସମଗ୍ର ପ୍ରକୃତି
ଅପରୂପ ଶୋଭା ଧରି
ଦିବ୍ୟ ଦରଶନ ଲଭିବା ଆଶାରେ
ଡାକୁ ଅଛି ହାତ ଠାରି ।

ଆସୁରୀ ମାୟାର ଅନ୍ଧାର ଜଗତେ
ଦିବ୍ୟ ଆଲୋକ ଢାଳି
ଦୂରକର ପ୍ରପଞ୍ଚ ଶକ୍ତିକୁ ମାତ
ସ୍ନେହ ପ୍ରେମ ହୃଦେ ଜାଳି ।

ସର୍ବଫଳପ୍ରଦା ଅଭୟାଦାୟିନୀ
ତୁମ ସୁଦୟାରେ ଧନ
ସମୃଦ୍ଧି, ସୁଖ, ପ୍ରାଚୁର୍ଯ୍ୟେ ଭରିଯାଇ
ଉଲ୍ଲସିତ ହୁଏ ମନ ।

ଆସ ଅବତରି ମାଆ ଗଜଲକ୍ଷ୍ମୀ
ଶ୍ରଦ୍ଧା ସୁମନରେ ଭିଜି
ତୁମ କରୁଣାର କାଣିଚାଏ ପାଇ
ଦୁଃଖ ତନ୍ଦ୍ରା ଯାଉ ହଜି ।

ସୁଖ, ଶାନ୍ତି, ପ୍ରେମ, ମୈତ୍ରୀ ଭାବେ ଭରି
ହସି ଉଠୁ ଏହି ଧରା
ଆବିଳତା ଆବର୍ଜନା ଲୋପ ପାଇ
ବହୁ ଅମୃତର ଧାରା ।

ଧନ ଧାନ୍ୟରେ ପୁରିଉଠୁ ଦେଶ
ଉଡୁ ସତ୍ୟ ନ୍ୟାୟ ଧ୍ୱଜା
ମାଆଗୋ ସୁଖଦା ଏତିକି ବିନତି
ରଖ କରୁ ପଦ ପୂଜା ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

# ଆସିଲା କାର୍ତ୍ତିକ ମାସ

### ନିରଞ୍ଜନ ସାହୁ



ହେମନ୍ତ ଋତୁର ଅୟମାରମ୍ଭରେ
ଆସିଲା କାର୍ତ୍ତିକ ମାସ
ହିମ କାଳ ହେତୁ ଶିଶିର ଝରିବ
ଆରମ୍ଭିବ ରବି ଚାଷ ।
କାର୍ତ୍ତିକ ମାସ ଯେ ପବିତ୍ର ଅଟଇ
ଏକଥା ସଭିଙ୍କୁ ଜଣା
ପବିତ୍ର ଭାବନା ସଭିଙ୍କ ମନରେ
ପାପ କାମେ ମନ ଊଣା ।
ଏହି ମାସେ କେହି ଆମିଷ ଭକ୍ଷଣ
କଦାପି କରଇ ନାହିଁ
ଦୀପ ଦାନ ବିଧି ରହିଥାଏ ପରା
କିଏ ନ ମାନଇ କାହିଁ ?
ହବିଷ୍ୟାଳିମାନେ ହବିଷ ପାଳନ୍ତି
ଶ୍ରୀକ୍ଷେତ୍ର ଧାମରେ ଯାଇ
ପୁରାଣ ଶୁଣିକି ପବିତ୍ର ମନରେ
ଥାଆନ୍ତି ହବିଷ ଖାଇ ।
ଦୀପାବଳି ଆସେ ପିତୃପୁରୁଷଙ୍କୁ
ସ୍ମରଣ କରିବା ପାଇଁ
ବଡ଼ବଡୁଆଙ୍କୁ ଡକା ଯାଇଥାଏ
ସ୍ୱର୍ଗରୁ ଆସନ୍ତି ଧାଇଁ ।
ପଞ୍ଚକ ଆସିଲେ ଚଉଁରା ମୂଳରେ
ମୁରୁଜ ପଡିବା ବିଧି
ମୁରୁଜ ପକାଇ ନାରୀମାନେ ପରା
ପାଇଥାନ୍ତି କୋଟିନିଧି ।
ବୋଇତ ବନ୍ଦାଣ କରାଯାଇଥାଏ
ଉତ୍କଳୀୟ ପରମ୍ପରା
ସାହସୀ କଳିଙ୍ଗ ସନ୍ତାନଙ୍କ ଯଶ
ସ୍ମରଣୀୟ ନାମକରା ।
କ୍ଷେତରେ ପାଚଇ ଧାନ ଏହିକାଳେ
ଚାଷୀଭାଇ ଖୁସି ହୁଏ
ଚାଷୀର ଘରଣୀ ଆଳସ୍ୟରେ କେବେ
ସାମାନ୍ୟ ଆଉ ନ ଶୁଏ ।
କାର୍ତ୍ତିକ ମାସରେ ନୂଆ ନୂଆ ଶୀତ
ଥଣ୍ଡା ଲାଗିଥାଏ ଭାରି
ଉଷୁମ ପୋଷାକ ଲୋଡ଼ା ହୋଇଥାଏ
ଶୀତରୁ ହେବାକୁ ପାରି ।
କାର୍ତ୍ତିକ ମାସକୁ ମନେ ପକାଇଲେ
ପବିତ୍ର ଭାବନା ଜାଗେ
କାର୍ତ୍ତିକ ମାସରେ ସକାଳ ବେଳଟା
କୁହୁଡି କୁହୁଡି ଲାଗେ ।

*ନିହଳ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ--୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ଆ ହେମନ୍ତ ଆ

### ନୀଳମଣି ଚାନ୍ଦ

ଆ ହେମନ୍ତ ଆ
କାକରକୁରେ ମୁକୁତା କରି
ଘାସରେ ବିଞ୍ଛି ଯା
କୁହୁଡ଼ି ଜାଲ ଟଣେଇ ଦେଇ
ତା ପାଖେ ଜଗି ଥା।
ଖାରେ କାଞ୍ଜି ଖା
ଆହାନ୍ ପାଖେ କମ୍ବଳ ଅଛି
ତା'ଠୁଁ ଦୂରରେ ଥା
ରାତିକୁ ବଡ଼ କରିବୁ ଶୁଣି
ଆରବ୍ ହସେ ହା।
ଆ ହେମନ୍ତ ଆ
ସୋରିଷ, ସୂର୍ଯ୍ୟମୁଖୀ ଫୁଟିଲେ
କହିବୁ ବାଃ ବାଃ
ଯେଉଁଠି କ୍ଷେତ ସେଠିକି ଯାଇ
ଧାନ ପଚେଇ ଆ ।
ନଈପଠାରେ ଥା
ଉତ୍ତର ଆଡୁ ହେମାଳ ବାଆ
ସାଙ୍ଗରେ ଆଣି ଆ
ସାଇବେରିଆ ପକ୍ଷୀଙ୍କୁ କହ
ଚିଲିକା ଆଡ଼େ ଯା।

*ମୋ-୯୫୮୩୨୦୨୩୫୭*

# ଶରତ ଆକାଶେ ପୂର୍ଣ୍ଣମୀ ଜହ୍ନ



### ସୁଜିତ କୁମାର ମିଶ୍ର

ଶରତ ଆକାଶେ ପୂର୍ଣ୍ଣମୀ ଜହ୍ନ
ହସୁଥାଏ କିରିକିରି,
ଘନ ଅନ୍ଧକାର ପଳାଏ ଧାଇଁ
ଧୀରେ ଧୀରେ ଲୁଚିକରି ।

କୁମାରୀ ଓଠରୁ ହସଟି ଝରେ
ଦେଖି ଜହ୍ନ ଆଗମନ,
କୁଆଁର ପୁନେଇଁ ପାଳିବେ ବୋଲି
ହୋଇଲେଣି କନକନ ।

ଗାଆଁଠୁ ସହର ସୁନ୍ଦର ଦିଶେ
ଜହ୍ନମାମୁଁ ଆଗମନେ,
ମରତ ଦିଶଇ ସରଗ ପରି
ଚମକଇ ପ୍ରତିକ୍ଷଣେ ।

ଶୁଆଇଦିଏ ମା କୁନି ଛୁଆକୁ
ମିଠା ଗୀତ ଗାଇ ଗାଇ,
ହାତ ଠାରି ଡାକେ ଜହ୍ନମାମୁଁକୁ
ତା ସାଥେ ଖେଳିବା ପାଇଁ ।

କଇଁ ନାଚେ ଗାଏ ଜହ୍ନକୁ ଦେଖି
ପାଦରେ ଅଳତା ନାଇ,
ଝରି ପଡୁଥାଏ ବରଷା ପରି
ମଧୁର ଶୀତଳ ଛାଇ ।

ଶରତ ଆକାଶ ଶୋଭା ଦିଶଇ
ଜହ୍ନ ଗାଏ ବୋଲି ଗୀତ,
କୁନା, ମୁନା, ଝୁନା ତୁମ ସଭିଙ୍କ
ସିଏ ଆପଣାର ମିତ ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*



# ବେଳହୁଁ ସାବଧାନ

### ସୁରମା ମିଶ୍ର

ଟୁଆଁ କହେ ଟୁଇଁ ଶୁଣ
ମେଘ ବରଷେ ଘନ ଘନ
ବାତ୍ୟା ଆସୁଅଛି ମାଡ଼ି
ଚାଲ୍ ଯିବା ଘର ଛାଡ଼ି ॥

ଜରି, ପାଲ, ବ୍ୟାଗ୍ ଭରି
ଚୁଡ଼ା ମୁଢ଼ି ଗଣ୍ଡେ ଧରି
ସବୁ ଜିନିଷକୁ ଯତନେ ସମ୍ଭାଳି
ଚଞ୍ଚଳ ଯିବା ବାହାରି ॥

ଲୁଗା ଦି ଖଣ୍ଡ ଆଣିବୁ
ଟର୍ଚ୍ଚ ଲାଇଟ୍ ଧରିବୁ
ନୋହିଲେ ଅନ୍ଧାରେ ବାଟ ଭୁଲି ଯିବୁ
ହଇରାଣ ତୁହି ହେବୁ ॥

ଟୁଆଁ ଟୁଇଁ ବାହାରିଲେ
ବାତ୍ୟା ଆଶ୍ରୟେ ରହିଲେ
ରିଲିଫ୍ ଖାଦ୍ୟରୁ ପେଟେ ଖାଇଦେଇ
ଆରାମେ ଶୋଇ ପଡ଼ିଲେ ॥

ଶୁଣ ପିଲାମାନେ ଶୁଣ
ଶୁଣ ଦେଇ ମନ ଧ୍ୟାନ
ବାତ୍ୟା ବନ୍ୟା ଯଦି ଆସିବରେ ଭାଇ
ବେଳୁ ହେବ ସାବଧାନ ॥

ବାତ୍ୟା ସୂଚନା ପାଇଲେ
କେହି ରହିବନି ଘରେ
ଆଶ୍ରୟ ସ୍ଥଳକୁ ଚାଲିଯିବ ସବୁ
ରହିବ ନିରାପଦରେ ॥

**ବି ଏଲ ୩୯, ଭି ଏସ ଏସ ନଗର, ଭୁବନେଶ୍ୱର**
**ମୋ-୯୮୫୩୩୪୩୯୬୫**

# ପଡ଼ି ଆସିଲାଣି କାକର

### ଧ୍ରୁବ ଚରଣ ଘିବେଲା



ହେମନ୍ତ ଆସିଛି ଶରତ ଫେରିଛି
ଫେରିଛି ଅଶିଣ ମାସ
ଆଜି କାର୍ତ୍ତିକରେ ଲିଭି ଆସୁଅଛି
ସବୁଠି କାଶର ହସ ।
ଯହିଁ ଦେଖ ତହିଁ ଆଉ କାଶ ନାହିଁ
ସରିଛି କାଶର କାଳ
ଏବେ ହେମନ୍ତରେ ସଞ୍ଜ ଆସିଗଲେ
ରାତିରେ ପଡ଼େ କାକର ।
ଶରତ ନିର୍ମଳ ହିମରେ ଦୁର୍ବଳ
ହେମନ୍ତରେ ହିମ ଶୀତ
ଦଶହରା ପରେ ହୁଏ ଅନୁଭୂତ
ଆଗୁଆ କେଉଁଠି ଶୀତ ।
ସମତଳ ଅବା ମାଳ ଅଞ୍ଚଳରେ
ପଡ଼ି ଆସିଲାଣି କାକର
ସଞ୍ଜ ନଇଁ ଯାଇ ରାତି ବଢ଼ିଗଲେ
ରାତି ଭିଜେ ଲଭି କାକର ।
ଧିରେ ଧିରେ ଏବେ ସଞ୍ଜ ଆସେ ଯେବେ
ଘୋଟି ଆସେ ଘନ ଅନ୍ଧାର
ସଞ୍ଜ ନଇଁଗଲେ ରାତି ଆସେ ଧାଇଁ
ସାଥେ ନେଇ ଘନ ତିମିର ।
ଝିଙ୍କାରୀ ଶବଦ ନୀରବତା ଫେଡ଼ି
ରାତି ହେଲେ ବେଶି ବଢ଼େ
କାର୍ତ୍ତିକର ରାତି କାକର ଛୁଆଁରେ
ଥଣ୍ଡା ଅନୁଭବ ବାଢ଼େ ।
ପଡ଼ି ଆସେ ଧିରେ ରୁପାର କାକର
ରାତି ଆୟୁଷ ବଢ଼ିଲେ
କାକର ଚାଦର କାର୍ତ୍ତିକର ରାତି
ଧରେ ରାତି ବଢ଼ିଗଲେ ।
ଘାସର ପଡ଼ିଆ ଦିଶଇ ବଢ଼ିଆ
ସକାଳକୁ ଝଲସିଲେ
ସୂରୁଯ କିରଣ ପଡ଼ି ମନୋରମ
ଦିଶେ କାକର ଟୋପାରେ ।

*ବଉଦରାଜ-୭୬୨୦୧୪, ବୌଦ୍ଧ*
*ମୋ-୯୪୩୭୪୭୮୪୬୬*

# ଆସିଲା କାର୍ତ୍ତିକ ମାସ

### ଦଶରଥ ମାଝୀ



ଆଶ୍ୱିନ ମାସକୁ ପଛକୁ ପକାଇ
ଆସିଲା କାର୍ତ୍ତିକ ମାସ
ପାପ ଧୋଇବାକୁ ପୁଣ୍ୟ ଅରଜିବ
ଅଧର୍ମ ହୋଇବ ନାଶ ( ୧ )
ଛେଳି ମେଣ୍ଢା ବୋଦା ଶାନ୍ତିରେ ଶୋଇବେ
ବଳିପ୍ରଥା ହେବ ଦୂର
ଛାଡ଼ଖାଇ ଦିନେ ପୁଣି ତାଙ୍କୁ ମାରି
କରିବେ ନିଜେ ଆହାର ( ୨ )
ବୁଢ଼ାବୁଢ଼ୀ ଯେତେ ଭାବୁଛନ୍ତି ମନେ
ସର୍ଦ୍ଦି କାଶ ହେବ ଜାଣ
ଆଣ୍ଠୁଗଣ୍ଠି ବାତ ଆପେ ବଢ଼ି ଯିବ
ଯନ୍ତ୍ରଣା ହୋଇବ ପ୍ରାଣ (୩)
ଉତ୍ତର ଦିଗରୁ ହେମାଳ ବହିଲେ
ଗୋଡ଼ ହାତ ଯିବ ଥରି
ଘର ଠାରୁ ଯେବେ ବାହାରକୁ ଗଲେ
ଚାଲୁଥିବେ ଠେଙ୍ଗା ଧରି (୪)
ଚାଦର ଘୋଡେଇ ରାତିରେ ଶୋଇବେ
ହେମାଳରୁ ରକ୍ଷା ପାଇଁ
ବ୍ୟାୟାମ କରିବେ ସକାଳୁ ସକାଳୁ
ସଡ଼କ ପଥରେ ଧାଇଁ ( ୫ )

*କୁରୁମାଚୁଆଁ, ଭବାନୀପାଟଣା, କଳାହାଣ୍ଡି*
*ମୋ-୮୨୪୯୨୧୨୪୭୨*

# ମାଆ ଗଜଲକ୍ଷ୍ମୀ

### ମନୋଜ କୁମାର ମେହେର



ମାଆ ଗଜଲକ୍ଷ୍ମୀ ଆସ ଧରାଧାମେ,
ଆଣି ଖୁସିର ସମ୍ଭାର,
ପଦ୍ମଫୁଲ ହାତେ, ଗଜ ବାହନରେ
ଲାଗଇ ଭାରି ସୁନ୍ଦର ॥
ଧନଧାନ୍ୟ ଭରିଦିଅ ଏ ଜଗତେ,
ନରହୁ ଖାଦ୍ୟ ଅଭାବ,
ସୁଖ ଶାନ୍ତି ଭରି ଦିଅ ଏ ସଂସାରେ
ରହୁ ତୁମ ଆଶୀର୍ବାଦ ॥
ଅଜ୍ଞାନକୁ ଦିଅ ହଟାଇ ସଂସାରୁ
ଦିଅ ଜ୍ଞାନର ଆଲୋକ,
ଦୁଃଖ କଷଣକୁ କରିଦେଇ ଦୂର
ବାଣ୍ଟି ଦେଇ ଯାଅ ସୁଖ ॥
ଦୁଃଖିର ଦୁଃଖକୁ ଦୂର କରିଦିଅ
ହୃଦେ ଭରିଦିଅ ଶାନ୍ତି,
ସଭିଙ୍କ ହୃଦୟେ ଜାଗ୍ରତ କର ମାଁ
ପ୍ରେମ, ଶ୍ରଦ୍ଧା ଆଉ ଭକ୍ତି ॥

*ବଣ୍ଡାକୁଟୁରା, ଜୁନାଗଡ଼, କଳାହାଣ୍ଡି*
*ମୋ-୯୩୩୭୭୯୩୧୫୭*



# ହେମନ୍ତ ଥାପିଲା ପାଦ

### ପ୍ରଫୁଲ୍ଲ କୁମାର ସାହୁ

ଶରତ ଫେରିଲା ହେମନ୍ତ ଆସିଲା
ଏ ଧରାରେ ପାଦ ଥାପି,
ଶୁଭ ପ୍ରଭାତରେ ଗଛ ପତରରୁ
ଝରାଇ ଶିଶିର ଟୋପି ।୧।

କୁହୁଡ଼ି ଘେରରେ କାକର ଝରାଇ
ଘାସ ପଡ଼ିଆର ଶୋଭା,
ଆନନ୍ଦ ଭରିବ ସବୁରି ମନରେ
ପ୍ରକୃତିର ନବ ଆଭା ।୨।

ଦୀପାବଳି ପାଇଁ ଜଳିବ ଦୀପାଳି
ଝଲସାଇ ଚଉଦିଗ,
ଅମାବାସ୍ୟା ରାତି ହେବ ଆଲୋକିତ
ବାଣ୍ଟି ଖୁସି ସଦ୍‌ଭାବ ।୩।

ପିତୃ ପୁରୁଷଙ୍କ ବିଦାୟ ବେଳରେ
କାଉଁରିଆ କାଠି ଜାଳି,
ପ୍ରତି ହିନ୍ଦୁ ଘରେ ଦେଇ ଶ୍ରଦ୍ଧା ଶ୍ରାଦ୍ଧ
ଜଣାଇବେ ଶ୍ରଦ୍ଧାଞ୍ଜଳି ।୪।

ଶୁଭ କାର୍ତ୍ତିକରେ ଧର୍ମ ମାସ ପାଇଁ
ପ୍ରତିଟି ଓଡ଼ିଆ ଘରେ,
ମାସ ବ୍ୟାପି ହେବ ଅରୁଆ ହବିଷ
ମଠ ବାଡ଼ି ମନ୍ଦିରରେ ।୫।

ଶ୍ରୀ ମନ୍ଦିରେ ଯାଇ ଶ୍ରୀ ଜଗନ୍ନାଥଙ୍କୁ
ଦର୍ଶନ କରିବେ ଭକ୍ତ,
ଚକା ନୟନରେ ମିଶିଗଲେ ଆଖି
ପ୍ରାଣ ହେବ ପୁଲକିତ ।୬।

*ଯଦୁ - ମାଳତୀ କୃପା ନିବାସ,ଶକ୍ତି ବିହାର/ବାଲିପଡ଼ା,ମାହାଙ୍ଗା,କଟକ*
*ମୋ -୭୬୦୦୯୦୪୪୩୮୩*



# ବୁଝି ବିଚାରି କାମ କର

### ଡଃ ସଫଳା ଦାସ

ସରସ୍ୱତୀ ବୋଲି ଝିଅଟିଏ
ସବୁ କାମେ ତରବର ସିଏ
ସଦା ରହୁଥାଏ ହସ ହସ
ଦେଖିବାକୁ ଗଲା ସରକସ ।

ମନ ଖୁସି କରି ଦେଖୁଥିଲା
ଘରେ ତାର ପୁଷି ରହିଥିଲା
ପୁଷିକି ନାଚ ମୁଁ ଶିଖାଇବି
ସରକସ ନିଜେ ଦେଖାଇବି ।

ଧରିଲା ପୁଷିର ଲାଞ୍ଜଟିକୁ
ବାଡି ଧରି ଶିଖାଇବ ତାକୁ
ଆମ୍ପୁଡି କାମୁଡ଼ି ପୁଷି ଦେଲା
ସରସ୍ୱତୀ କାନ୍ଦି ଛାଡି ଦେଲା ।

ଯେଉଁ କାମ ପିଲେ ଜାଣନାହିଁ
ସେକାମକୁ ଆଗ ଶିଖ ଯାଇ
ଗୁରୁ ବିନା ବିଦ୍ୟା ଜ୍ଞାନ ନାହିଁ
ଗୁରୁ କଥା ମାନ ତୁମ ପାଇଁ ।

*ପ୍ରଶାନ୍ତି ଶିକ୍ଷା ଶ୍ରମ,ବାଦାମବାଡ଼ି,କଟକ*
*ଫୋନ୍- ୮୯୧୭୪୬୫୩୬୭*


ମନୋଜ କୁମାର ବେହେରା

# ଖରାପ ସମୟରେ ସାହାରା...



ଥରେ ସମାଜ ସୁଧାରକ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କୁ ଜଣାପଡିଲା କି ପାଖ ଗାଁର ଜୟରାଜ ନାମକ ଜଣେ ପରୋପକାରୀ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଯାଇଛି ଆଉ ତାଙ୍କ ସ୍ତ୍ରୀଙ୍କ ପାଖରେ ଅନ୍ତିମ କ୍ରିୟା ପାଇଁ ପଇସା ନାହିଁ।

ବିଦ୍ୟାସାଗର ଜୟରାଜଙ୍କୁ ଜାଣିନଥିଲେ। କିନ୍ତୁ ଯେତେବେଳେ ସେ ତାଙ୍କର ଅନ୍ତିମ କ୍ରିୟା ପାଇଁ ତାଙ୍କ ଘରେ ପଇସା ନଥିବାର କଥା ଶୁଣିଲେ ସେ କିଛି ଲୋକଙ୍କୁ ପଚାରି ଜୟରାଜଙ୍କ ଘରେ ଯାଇ ପହଞ୍ଚିଲେ। ସେ ଜୟରାଜଙ୍କ ସ୍ତ୍ରୀଙ୍କୁ ସମବେଦନା ଜଣେଇଲେ ଆଉ ଶ୍ରଦ୍ଧାଞ୍ଜଳି ଅର୍ପିତକରିକି ଗୋଟିଏ କୋଣରେ ଯାଇ ବସିପଡିଲେ। ଯେତେବେଳେ ଲୋକମାନଙ୍କ ଯିବା ଆସିବାର ଭିଡ କମିଗଲା ବିଦ୍ୟାସାଗର ଜୟରାଜଙ୍କ ସ୍ତ୍ରୀଙ୍କ ପାଖକୁ ଦ୍ୱିତୀୟ ଥର ପାଇଁ ଗଲେ ଆଉ ତାଙ୍କୁ କହିଲେକି ମୁଁ ଆଉ ଜୟରାଜ ଦୁହେଁ ଭଲ ମିତ୍ର ଥିଲୁ। ଆଉ ଆମେ ଦୁହେଁ ପରସ୍ପରର ସୁଖ-ଦୁଃଖରେ କାମରେ ମଧ୍ୟ ଆସିଥିଲୁ। ମୁଁ ନିଜର ଖରାପ ସମୟରେ ତାଙ୍କଠୁ କିଛି ଟଙ୍କା ଋଣ ସ୍ୱରୂପ ନେଇଥିଲି। ଆଜି ମୁଁ ସେହି ଟଙ୍କାରୁ କିଛି ଅଂଶ ନେଇକରି ତାଙ୍କ ପାଖକୁ ଆସୁଥିଲି ଆଉ ମୋତେ ବାଟରେ ଏହି ଦୁଃଖଦ ସମାଚାର ମିଳିଲା। ଏବେ ତ ସେ ଆଉନାହାନ୍ତି, ତା'ହେଲେ ଆପଣ ଏହି କିଛି ଟଙ୍କାକୁ ରଖି ନିଅନ୍ତୁ। ବାକି ରାଶି ମୁଁ ଧୀରେ-ଧୀରେ ପରିଶୋଧ କରିଦେବି।

ଜୟରାଜଙ୍କ ସ୍ତ୍ରୀ କାନ୍ଦି-କାନ୍ଦି ସେହି ଟଙ୍କାକୁ ହାତରେ ଧରିଲେ। ଭବିଷ୍ୟରେ ମଧ୍ୟ ବିଦ୍ୟାସାଗର ସେହି ମହିଳାଙ୍କ ପାଇଁ ଗୋଟିଏ ନିଶ୍ଚିତ ଧନ ରାଶି ପ୍ରତି ମାସରେ ପଠାଉଥିଲେ। ବହୁବର୍ଷ ପଶ୍ଚାତ୍ ସେହି ମହିଳାଙ୍କୁ ବାସ୍ତବିକତା ଜଣାପଡିଲା ଆଉ ସେ ତାଙ୍କର ଏହି ମିଛ ବ୍ୟବହାର ଉପରେ ଅବାକ୍ ହୋଇପଡିଲେ। ସେ ନିଜର ପୁଅକୁ ସାଙ୍ଗରେ ଧରି ବିଦ୍ୟାସାଗରଙ୍କୁ ଦେଖାକରିବାକୁ ଗଲେ ଆଉ ତାଙ୍କ ଚରଣ ତଳେ ପଡିଯାଇ କାନ୍ଦିକରି କହିଲେ, ଆପଣ ଆମର ଖରାପ ସମୟରେ ସାହାର ଦେଲେ, ଆମେ ଆପଣଙ୍କର ଏହି ଋଣକୁ କେମିତି ପରିଶୋଧ କରିବୁ? ଏହା ଶୁଣି ବିଦ୍ୟାସାଗର କହିଲେ, ତୁମର ଏହି ଅଶ୍ରୁ ଏହିସବୁ ଋଣକୁ ପରିଶୋଧ କରି ଦେଇଛି। ତୁମେ ହୃଦୟରେ କୌଣସି ବୋଝ ନ ବୋହିକରି ସିଧା ନିଜର ଘରକୁ ଯାଆନ୍ତୁ।

*ପ୍ଲଟ୍ ନମ୍ବର-୨୧୭/ପି,*
*ବାୟାବାବାମଠଲେନ୍, ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨*
*ଫୋନ୍-୭୯୭୮୮୩୦୬୧୧*

# ଭାରତକୁ ଫେରିଲା ଆଇପିଏଲ୍ ନିଲାମ ଗୋଆରେ ଜମିବ ମିନି ଅକ୍ସନ



**ନୂଆଦିଲ୍ଲୀ**

ଆସନ୍ତା ଡିସେମ୍ବର ୧୬ ତାରିଖରେ ଗୋଆରେ ବସିବ ଆଇପିଏଲ୍ ମିନି ନିଲାମର ଆସର। ଆସନ୍ତା ବର୍ଷ ଏକ ବଡ଼ ବା ମେଗା ନିଲାମ ହେବାକୁ ଥିବା ବେଳେ ଏବର୍ଷ କେବଳ ଖାଲି ପଡ଼ିଥିବା ଜାଗା ପୂରଣ କରିବା ପାଇଁ ଛୋଟ ନିଲାମ ବା ମିନି ଅକ୍ସନ କରାଯାଉଛି। ସବୁଠାରୁ ଖୁସିର କଥା ହେଉଛି, ୨୦୨୨ ପରେ ପ୍ରଥମ ଥର ପାଇଁ ଏହି ନିଲାମ ଭାରତରେ ହେବାକୁ ଯାଉଛି। କାରଣ ଗତ ତିନୋଟି ଯାକ ସିଜିନ୍‌ର ନିଲାମ ଭାରତ ବାହାରେ ଦୁବାଇ, ଜେଦା ଏବଂ ଆବୁଧାବିରେ ହୋଇଥିଲା। ଏବେ ଦୀର୍ଘ ଦିନ ପରେ ନିଜ ଦେଶରେ ନିଲାମ ହେଉଥିବାରୁ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି।

ଏହି ନିଲାମ ଆରମ୍ଭ ହେବା ପୂର୍ବରୁ ସବୁ ଦଳକୁ ନଭେମ୍ବର ୧୫ ତାରିଖ ସୁଦ୍ଧା ଏକ ବଡ଼ କାମ ସାରିବାକୁ ପଡ଼ିବ। ନିୟମ ଅନୁସାରେ, ଏହି ତାରିଖ ଭିତରେ ୧୦ଟି ଯାକ ଟିମ୍ ଜଣାଇବେ ଯେ ସେମାନେ କେଉଁ ଖେଳାଳିଙ୍କୁ ନିଜ ପାଖରେ ରଖିବେ ଆଉ କାହାକୁ ଦଳରୁ ବାହାର କରିବେ। ନଭେମ୍ବର ୧୫ ପରେ ଆଇପିଏଲ୍ ପରିଚାଳନା କମିଟି ସବୁ ଫ୍ରାଞ୍ଚାଇଜିଙ୍କୁ ନିଲାମରେ ଭାଗ ନେବାକୁ ଥିବା ଖେଳାଳିଙ୍କ ଅସଲ ତାଲିକା ଦେବେ। ସେହି ତାଲିକା ଦେଖିବା ପରେ କେଉଁ ଦଳ କାହା ଉପରେ କେତେ ଟଙ୍କା ଲଗାଇବେ, ତା'ର ପ୍ଲାନ୍ ତିଆରି କରିବେ।

ନିଲାମ ତାରିଖ ଘୋଷଣା ହେବା ଆଗରୁ ହିଁ କିଛି ଦଳ ପରସ୍ପର ମଧ୍ୟରେ ଖେଳାଳି ଅଦଳବଦଳ କରି ଚର୍ଚ୍ଚାରେ ଅଛନ୍ତି। ୨୦୨୬ ଆଇପିଏଲ୍ ସରିବା ପରେ ଏପର୍ଯ୍ୟନ୍ତ ଦୁଇଟି ବଡ଼ ଟ୍ରେଡ୍ ବା ଅଦଳବଦଳ ହୋଇସାରିଛି। ଗତ ଜୁନ୍ ମାସରେ ଲକ୍ଷ୍ନୌ ସୁପରଜାୟାଣ୍ଟସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ସବୁଠାରୁ ବଡ଼ ଡିଲ୍ ହୋଇଥିଲା। ଏଥିରେ ଲକ୍ଷ୍ନୌର ଷ୍ଟାର୍ ଖେଳାଳି ଋଷଭ ପନ୍ତ ଏବଂ ସ୍ପିନର କୁଳଦୀପ ଯାଦବଙ୍କ ମଧ୍ୟରେ ଅଦଳବଦଳ କରାଯାଇଥିଲା। ଏହି ଡିଲ୍ ପରେ ଦୁଇଟି ଯାକ ଦଳରେ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି।

ଠିକ୍ ସେହିପରି ନିକଟରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମଧ୍ୟ ଆଉ ଏକ ଅଦଳବଦଳ ହୋଇଛି। ହାଇଦ୍ରାବାଦର ଦ୍ରୁତ ବୋଲର ଟି. ନଟରାଜନ ଏବଂ ଲେଗ୍ ସ୍ପିନର ଜିସାନ ଅନସାରୀଙ୍କୁ ଉଭୟ ଟିମ୍ ପରସ୍ପର ଭିତରେ ବଦଳାଇ ନେଇଛନ୍ତି। ଏହିଭଳି କିଛି ବଡ଼ ବଦଳ ପରେ ଏବେ ସମସ୍ତଙ୍କ ନଜର ଡିସେମ୍ବର ୧୬ରେ ହେବାକୁ ଥିବା ଗୋଆ ନିଲାମ ଉପରେ। ସେଠାରେ ବାକି ଥିବା ଖେଳାଳିଙ୍କୁ କିଣି ନିଜ ଦଳକୁ ଆହୁରି ମଜଭୁତ କରିବା ପାଇଁ ସବୁ ଫ୍ରାଞ୍ଚାଇଜି ଜୋରସୋରରେ ପ୍ରସ୍ତୁତି ଚଳାଇଛନ୍ତି।

# ଟି୨୦ ପରେ ଦିନିକିଆ ସିରିଜ୍ କ୍ଲିନ୍ ସ୍ୱିପ୍ କଲା ଭାରତୀୟ ମହିଳା ଦଳ



**ନୂଆଦିଲ୍ଲୀ**

ଭାରତୀୟ ମହିଳା କ୍ରିକେଟ୍ ଦଳ ତୃତୀୟ ତଥା ଶେଷ ଦିନିକିଆ ମ୍ୟାଚ୍‌ରେ ଜିମ୍ବାୱେକୁ ଆଠ ୱିକେଟରେ ପରାସ୍ତ କରି ତିନି ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୩-୦ ରେ ନିଜ ନାମରେ କରିନେଇଛି। ବୁଧବାର ଦିନ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଯୁବ ସ୍ପିନର ବୈଷ୍ଣବୀ ଶର୍ମା ପାଞ୍ଚଟି ୱିକେଟ୍ ଅକ୍ତିଆର କରିଥିବା ବେଳେ, ପ୍ରତିକା ରାୱଲ ଅପରାଜିତ ଅର୍ଦ୍ଧଶତକ ହାସଲ କରି ଭାରତର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଜିମ୍ବାୱେ ଦଳ ପ୍ରଥମେ ବ୍ୟାଟିଂ କରି ୩୯.୫ ଓଭରରେ ୧୩୧ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲା। ଏହାର ଜବାବରେ ଭାରତୀୟ ଦଳ ୧୭ ଓଭରରେ ଦୁଇଟି ୱିକେଟ୍ ହରାଇ ୧୩୩ ରନ୍ ସଂଗ୍ରହ କରି ସହଜରେ ଲକ୍ଷ୍ୟ ହାସଲ କରିନେଇଥିଲା।

ଭାରତର ଯୁବ ବାମହାତୀ ସ୍ପିନର ବୈଷ୍ଣବୀ ଶର୍ମା ଚମତ୍କାର ବୋଲିଂ କରି ୧୦ ଓଭରରେ ୩୯ ରନ୍ ଦେଇ ପାଞ୍ଚଟି ୱିକେଟ୍ ହାସଲ କରିଛନ୍ତି। ଏହା ତାଙ୍କର ତୃତୀୟ ଦିନିକିଆ ମ୍ୟାଚ୍ ଥିଲା। ଏହାପୂର୍ବରୁ ସେ ଦ୍ୱିତୀୟ ଦିନିକିଆରେ ମଧ୍ୟ ଚାରିଟି ୱିକେଟ୍ ନେଇଥିଲେ। ବୈଷ୍ଣବୀଙ୍କ ସ୍ପିନ୍ ଯାଦୁ ଆଗରେ ଜିମ୍ବାୱେର ବ୍ୟାଟ୍ସମ୍ୟାନ୍‌ମାନେ ଅଧିକ ସମୟ ତିଷ୍ଠି ପାରିନଥିଲେ। ବୈଷ୍ଣବୀ ନିଜ ବଲ୍‌ର ଗତି ଏବଂ ଫ୍ଲାଇଟ୍ ମାଧ୍ୟମରେ ବ୍ୟାଟ୍ସମ୍ୟାନ୍‌ମାନଙ୍କୁ କ୍ରମାଗତ ଭାବରେ ଅସୁବିଧାରେ ପକାଇଥିଲେ। ଜିମ୍ବାୱେ ପକ୍ଷରୁ ମୋଡେଷ୍ଟର ମୁପାଚିକୱା ସର୍ବାଧିକ ୩୭ ରନ୍ କରିଥିଲେ। ଭାରତ ପକ୍ଷରୁ କ୍ରାନ୍ତି ଗୌଡ଼ ଏବଂ ସୟାଲୀ ସତଘରେ ମଧ୍ୟ ଦୁଇଟି ଲେଖାଏଁ ୱିକେଟ୍ ହାସଲ କରିଥିଲେ।

୧୩୨ ରନ୍‌ର ଲକ୍ଷ୍ୟକୁ ପିଛା କରିବାକୁ ଓହ୍ଲାଇଥିବା ଭାରତୀୟ ଦଳର ଆରମ୍ଭ ଭଲ ହୋଇନଥିଲା। ୟାଷ୍ଟିକା ଭାଟିଆ ପ୍ରଥମ ବଲ୍‌ରେ ହିଁ ଆଉଟ୍ ହୋଇଯାଇଥିଲେ। ତେବେ ପ୍ରତିକା ରାୱଲ ଗୋଟିଏ ପାର୍ଶ୍ୱ ସମ୍ଭାଳି ରଖିଥିଲେ ଏବଂ ଚମତ୍କାର ବ୍ୟାଟିଂ କରି ୫୬ ବଲ୍‌ରେ ଅପରାଜିତ ୫୯ ରନ୍ ସଂଗ୍ରହ କରିଥିଲେ। ପ୍ରତିକା ନିଜର ଏହି ପାଳି ମଧ୍ୟରେ ଦିନିକିଆ କ୍ୟାରିୟରର ୧୦ମ ଅର୍ଦ୍ଧଶତକ ପୂରଣ କରିଥିଲେ। ଅନ୍ୟପଟେ ଶେଫାଳୀ ବର୍ମା ଆକ୍ରମଣାତ୍ମକ ଶୈଳୀରେ ବ୍ୟାଟିଂ କରି ମାତ୍ର ୨୬ ବଲ୍‌ରେ ଅପରାଜିତ ୫୧ ରନ୍ କରିଥିଲେ। ଏହି ଦୁଇ ବ୍ୟାଟ୍ସମ୍ୟାନ୍‌ଙ୍କ ପାଳି ବଳରେ ଭାରତ ମାତ୍ର ୧୭ ଓଭରରେ ହିଁ ଲକ୍ଷ୍ୟ ହାସଲ କରିନେଇଥିଲା।

ଭାରତ ଏବଂ ଜିମ୍ବାୱେ ମଧ୍ୟରେ ଏହା ପ୍ରଥମ ଦ୍ୱିପାକ୍ଷିକ ସିରିଜ୍ ଥିଲା। ଭାରତୀୟ ଦଳ ଏହାପୂର୍ବରୁ ଟି୨୦ ସିରିଜ୍‌ରେ ମଧ୍ୟ ଜିମ୍ବାୱେକୁ ୩-୦ ରେ ପରାସ୍ତ କରିଥିଲା। ଏହିପରି ଭାବେ ଭାରତୀୟ ମହିଳା ଦଳ ସମ୍ପୂର୍ଣ୍ଣ ଗସ୍ତରେ ନିଜର ଦବ୍‌ଦବା ବଜାୟ ରଖିଥିଲା। ସିରିଜ୍‌ରେ ଅପରାଜେୟ ଅଗ୍ରଣୀ ହାସଲ କରିବା ପରେ ଭାରତ ତୃତୀୟ ଦିନିକିଆ ପାଇଁ ନିଜର ପ୍ଲେଇଂ ଇଲେଭେନ୍‌ରେ ତିନିଟି ପରିବର୍ତ୍ତନ କରିଥିଲା। ହରଲୀନ ଦେଓଲ, ୟାଷ୍ଟିକା ଭାଟିଆ ଓ କ୍ରାନ୍ତି ଗୌଡ଼ଙ୍କୁ ବୁଧବାର ମ୍ୟାଚ୍‌ରେ ଦଳରେ ସୁଯୋଗ ମିଳିଥିଲା। ତୃତୀୟ ଦିନିକିଆରେ ବୈଷ୍ଣବୀ ଶର୍ମା ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର ମିଳିଥିବା ବେଳେ, ପ୍ରତିକା ରାୱଲଙ୍କୁ ପ୍ଲେୟାର ଅଫ୍ ଦି ସିରିଜରେ ପୁରସ୍କୃତ କରାଯାଇଛି।

# ସିକେ ନାୟୁଡୁ ଟ୍ରଫି : ଗୋଆଠାରୁ ୩୩ ରନ୍ ପଛରେ ଓଡ଼ିଶା

**କଟକ, ନ୍ୟୁଜ୍‌ବ୍ୟୁରୋ**



କଲୋନେଲ ସି.କେ. ନାୟୁଡୁ ଟ୍ରଫି ଅଣ୍ଡର-୨୩ ପୁରୁଷ ମଲ୍ଟି-ଡେ କ୍ରିକେଟ୍ ପ୍ରତିଯୋଗିତାରେ ଓଡ଼ିଶା ଓ ଗୋଆ ମଧ୍ୟରେ ଚାଲିଥିବା ମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଓଡ଼ିଶା ୩୩ ରନ୍ ପଛରେ ରହିଛି। ଗୋଆ ପ୍ରଥମ ଇନିଂସରେ ୨୫୩ ରନ୍ କରିଥିବା ବେଳେ ଓଡ଼ିଶା ଦ୍ୱିତୀୟ ଇନିଂସରେ ଗୋଟିଏ ୱିକେଟ୍ ହରାଇ ୫୧ ରନ୍ ସଂଗ୍ରହ କରିଛି। ପ୍ରଥମ ଇନିଂସରେ ଓଡ଼ିଶା ୫୯.୨ ଓଭରରେ ୧୯୯ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଏହାର ଜବାବରେ ଗୋଆ ୯୦.୨ ଓଭରରେ ୨୫୩ ରନ୍ କରିଥିଲା। ଗୋଆ ପକ୍ଷରୁ ଆର୍ଯ୍ୟନ ଅଜୟ ନରଭେକର ୧୩ଟି ଚୌକା ସହ ୧୩୯ ବଲ୍‌ରୁ ୮୨ ରନ୍ କରିଥିବା ବେଳେ ଶାନ୍ତନୁ ନେଭାଗି ୧୦୩ ବଲ୍‌ରୁ ୫୩ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ଅଭିଷେକ ସିଂହ ଚମତ୍କାର ବୋଲିଂ କରି ୧୫.୩ ଓଭରରେ ୨୬ ରନ୍ ଦେଇ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ସାର୍ଥକ ପଣ୍ଡା ୨ଟି ୱିକେଟ୍ ନେଇଥିଲେ। ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରୁଥିବା ଓଡ଼ିଶା ଖେଳ ଶେଷ ସୁଦ୍ଧା ୨୧ ଓଭରରେ ୫୧ ରନ୍ କରିଛି। ପାନକାଲା ଶଶାଙ୍କ ୫୩ ବଲ୍‌ରୁ ୨୭ ରନ୍ କରି ଅପରାଜିତ ଥିବା ବେଳେ ଆୟୁଷ ସୁତାର ୫୩ ବଲ୍‌ରୁ ୧୭ ରନ୍ କରି ଅପରାଜିତ ଅଛନ୍ତି। ବର୍ତ୍ତମାନ ଓଡ଼ିଶା ଗୋଆର ପ୍ରଥମ ଇନିଂସ ସ୍କୋରଠାରୁ ୩୩ ରନ୍ ପଛରେ ରହିଛି। ତୃତୀୟ ଦିନର ଖେଳରେ ଓଡ଼ିଶା ବ୍ୟାଟରମାନେ କିପରି ଦଳର ସ୍ଥିତି ମଜଭୁତ କରୁଛନ୍ତି, ତାହା ଉପରେ ନଜର ରହିବ।

# ଅଲଭାରେଜ୍‌ଙ୍କୁ ନେଇ ବିବାଦ: ବାର୍ସିଲୋନାକୁ ୬୦୨ ୟୁରୋ ଜରିମାନା



**ମାଡ୍ରିଡ୍**

ଆଟ୍‌ଲେଟିକୋ ମାଡ୍ରିଡ୍‌ର ତାରକା ଷ୍ଟ୍ରାଇକର ଜୁଲିଆନ୍ ଅଲ୍‌ଭାରେଜ୍‌ଙ୍କ ସହ ବିନା ଅନୁମତିରେ ଯୋଗାଯୋଗ କରିବା ବାର୍ସିଲୋନାକୁ ମହଙ୍ଗା ପଡ଼ିଛି। ଏଥିଲାଗି ବାର୍ସିଲୋନାକୁ ସ୍ପେନ୍ ଫୁଟ୍‌ବଲ୍ ମହାସଂଘ (ଆରଏଫ୍‌ଇଏଫ୍) ୬୦୨ ୟୁରୋ (ପ୍ରାୟ ୭୪,୦୦୦) ଜରିମାନା କରିଛି। ୨୦୩୦ ଜୁନ୍ ପର୍ଯ୍ୟନ୍ତ ଆର୍ଜେଣ୍ଟିନା ଖେଳାଳିଙ୍କ ସହ ଆଟ୍‌ଲେଟିକୋ ଚୁକ୍ତି ରହିଛି। ହେଲେ ଏହା ପୂର୍ବରୁ ଆଟ୍‌ଲେଟିକୋର ଅନୁମତି ନନେଇ ଅଲ୍‌ଭାରେଜ୍‌ଙ୍କୁ ଦଳରେ ନେବା ଲାଗି ବାର୍ସିଲୋନା ଯୋଗାଯୋଗ କରିଥିଲା। ଫଳରେ ଫୁଟ୍‌ବଲ୍ ମହାସଂଘ ନିୟମ ୧୩୩ର ଉଲ୍ଲଂଘନ ଅନୁଯାୟୀ ବାର୍ସିଲୋନାକୁ ଏହି ଜରିମାନା ହୋଇଛି। ଅନ୍ୟପକ୍ଷରେ ବର୍ସିଲୋନା ପକ୍ଷରୁ ଖେଳିବା ଲାଗି ଅଲ୍‌ଭାରେଜ୍ ଇଚ୍ଛା ପ୍ରକାଶ କରି ଆଟ୍‌ଲେଟିକୋ ପ୍ରଶଂସକଙ୍କ ରୋଷର ଶିକାର ହୋଇଛନ୍ତି।

# ଆଇସିସି ର୍‌ୟାଙ୍କିଂ : ଟପ୍‌ରେ ଅଭିଷେକ, ଇଶାନଙ୍କଠୁ ଛଡ଼ାଇ ନେଲେ ଟି-ଟ୍ୱେଣ୍ଟି ମୁକୁଟ

**ନୂଆଦିଲ୍ଲୀ**



ମଙ୍ଗଳବାର ବ୍ୟାଟିଂରେ ବିସ୍ଫୋରଣ ଘଟାଇଲେ। ୨୪ ଘଣ୍ଟା ନପୁରୁଣ ର୍‌ୟାଙ୍କିଂରେ ଲମ୍ବା ଡେଇଁ। ଇଶାନ କିଶନଙ୍କୁ ପଛରେ ପକାଇ ଆଇସିସି ଟି-ଟ୍ୱେଣ୍ଟିରେ ନମ୍ବର ୱାନ୍ ବ୍ୟାଟର ହୋଇଛନ୍ତି ଷ୍ଟାର ଅଭିଷେକ ଶର୍ମା। ମଙ୍ଗଳବାର ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟି-ଟ୍ୱେଣ୍ଟି ବ୍ୟାଟିଂ ବିସ୍ଫୋରଣ କରିଥିଲେ। ୩୮ ବଲରେ ୧୧୩ର ଦମ୍‌ଦାର ଇନିଂସ ଖେଳିଥିବାରୁ ଆଇସିସି ର୍‌ୟାଙ୍କିଂରେ ଟପ୍‌ରେ ରହିଛନ୍ତି ଅଭିଷେକ ଶର୍ମା। ସାଥୀ ଖେଳାଳି ଇଶାନ କିଶନଙ୍କୁ ପଛରେ ପକାଇଛନ୍ତି ଅଭିଷେକ। ଏହା ସହିତ ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ୍ ନମ୍ବର ୱାନ୍ ଟେଷ୍ଟ ବୋଲର ଏବଂ ଟେଷ୍ଟ ଅଲରାଉଣ୍ଡର ହୋଇଛନ୍ତି। ରବୀନ୍ଦ୍ର ଜାଡ଼େଜାଙ୍କ ସ୍ଥାନ ନେଇଛନ୍ତି ଜାନସେନ୍। ୧୬୯୪ ଦିନ ପରେ ନମ୍ବର ୱାନ୍ ଟେଷ୍ଟ ଅଲରାଉଣ୍ଡର ଭାବେ ତଳକୁ ଖସିଛନ୍ତି।

ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟି-୨୦ ମ୍ୟାଚ୍‌ରେ ଅଭିଷେକ ଶର୍ମା ୩୮ ବଲରେ ୧୧୩ ରନ୍ କରିଥିଲେ। କ୍ୟାରିୟର ରେଟିଂ ୮୯୭ ସହ ଅଭିଷେକ ପୁଣି ଥରେ ଟି-୨୦ର ଶୀର୍ଷ ବ୍ୟାଟର ହୋଇଛନ୍ତି। ୮୮୩ ପଏଣ୍ଟ ସହ ପାକିସ୍ତାନର ସାହିବଜାଦା ଫରହାନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଇଶାନ କିଶନ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ୨ଟି ମ୍ୟାଚ୍ ଖେଳି ପାରିନଥିଲେ। ର୍‌ୟାଙ୍କିଂରେ ତାଙ୍କୁ ଏହାର ଭାର ବହନ କରିବାକୁ ପଡ଼ିଲା। ଇଶାନ ବର୍ତ୍ତମାନ ପ୍ରଥମରୁ ତୃତୀୟ ସ୍ଥାନକୁ ଖସି ଆସିଛନ୍ତି। ତାଙ୍କ ସ୍ଥାନରେ ସାଥୀ ଖେଳାଳି ଅଭିଷେକ ଶର୍ମା ନମ୍ବର ୱାନ୍ ବ୍ୟାଟର ହୋଇଛନ୍ତି। ଇଂଲଣ୍ଡରେ ହ୍ୟାରୀ ବ୍ରୁକ ଚତୁର୍ଥରେ ରହିଛନ୍ତି। ପଞ୍ଚମ ସ୍ଥାନରେ ରହିଛନ୍ତି ଇଂଲଣ୍ଡର ଜୋସ୍ ବଟଲର।

ଭାରତୀୟ ଅଧିନାୟକ ଶ୍ରେୟସ ଆୟରଙ୍କୁ ଟି-୨୦ ବ୍ୟାଟିଂ ମାନ୍ୟତାରେ ବଡ଼ କ୍ଷତି ସହିବାକୁ ପଡ଼ିଛି। ଆୟାର ବର୍ତ୍ତମାନ ପାଞ୍ଚ ସ୍ଥାନ ଉପରକୁ ଖସି ନବମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ବୈଭବ ସୂର୍ଯ୍ୟବଂଶୀ ଟପ୍ ୫୦ ବ୍ୟାଟ୍‌ର ତାଲିକାରେ ସ୍ଥାନ ପାଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷରେ ୧୯ ବଲରେ ୪୫ ରନ୍‌ର ଝଡ଼ତୋଫାନ ଇନିଂସ ପରେ ବୈଭବ ୪୫ତମ ସ୍ଥାନରେ ରହିଛନ୍ତି। ବୋଲରଙ୍କ ବିଷୟରେ କହିବାକୁ ଗଲେ ଅର୍ଶଦୀପ ସିଂ ୬ ସ୍ଥାନ ଉପରକୁ ଉଠି ୧୫ତମ ସ୍ଥାନରେ ପହଞ୍ଚିଛନ୍ତି।

୧ ନମ୍ବର ବୋଲର ଜାନସେନ୍- ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ମାର୍କୋ ଜାନସେନ୍ ୨ଟି ମ୍ୟାଚରେ ୧୦ ୱିକେଟ୍ ନେଇଛନ୍ତି। ଏହି ଦମ୍‌ଦାର ପ୍ରଦର୍ଶନ ବଳରେ ମାର୍କୋ ଜାନସେନ୍ ୫ଟି ସ୍ଥାନ ଉପରକୁ ଉଠି ଟେଷ୍ଟରେ ନମ୍ବର-୧ ବୋଲର ହୋଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ବ୍ୟାଟିଂରେ ମଧ୍ୟ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି ଏବଂ ୪ଟି ଇନିଂସରେ ୧୯୮ ରନ୍ କରିଛନ୍ତି। ଏହିଭଳି ଭାବେ ସେ ଅଲରାଉଣ୍ଡର ର୍‌ୟାଙ୍କିଂରେ ମଧ୍ୟ ଆଡଭାଣ୍ଟେଜ ପାଇଛନ୍ତି। ଜାନସେନ୍ ବର୍ତ୍ତମାନ ରବୀନ୍ଦ୍ର ଜାଡ଼େଜାଙ୍କୁ ପଛରେ ପକାଇ ବିଶ୍ୱର ନମ୍ବର ୧ ଟେଷ୍ଟ ଅଲରାଉଣ୍ଡର ହୋଇଛନ୍ତି।

# ପିଏନ୍‌ବି ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟର ଶାରଦୀୟ ଖେଳ ଉତ୍ସବ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସେଞ୍ଚୁରିଆନ୍ ୟୁନିଭରସିଟି ଗ୍ରାଉଣ୍ଡରେ ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ଶାରଦୀୟ ଖେଳ ଉତ୍ସବ-୨୦୨୬ ଚଳିତ ମାସ ୨୫ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଖେଳ ମହୋତ୍ସବରେ କ୍ରିକେଟ୍, ଫୁଟବଲ, ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ୍ ଚେସ୍ ଓ କ୍ୟାରମ୍ ସହିତ ବିଭିନ୍ନ ଖେଳକୁଦ ସାମିଲ ଥିଲା। ଏଥିରେ ଭୁବନେଶ୍ୱର ମଣ୍ଡଳ ଅନ୍ତର୍ଗତ ବିଭିନ୍ନ ଶାଖାରେ କାର୍ଯ୍ୟରତ ୧୨୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏଥିରେ ଆଞ୍ଚଳିକ ପ୍ରବନ୍ଧକ ଭୂଷଣ ଶର୍ମା ମୁଖ୍ୟ ଅତିଥି ରୂପେ ଯୋଗଦେଇ କ୍ରୀଡ଼ା ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉପ-ଆଞ୍ଚଳିକ ମୁଖ୍ୟ କ୍ଷେତ୍ରବାସୀ ମିଶ୍ର ଏବଂ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ରମେଶ କୁମାର ସାମଲ ଉପସ୍ଥିତ ଥିଲେ।

# ରଣଜୀ ଦଳରେ ସ୍ଥାନ ପାଇଲେ ଓମ୍‌କାର ମହାନ୍ତି

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀରର ଯୁବ କ୍ରିକେଟ ଖେଳାଳି ଓମ୍‌କାର ମହାନ୍ତି ରଣଜୀ କ୍ରିକେଟ ଦଳରେ ସ୍ଥାନ ପାଇଛନ୍ତି। ଏହା ବଲାଙ୍ଗୀର ଜିଲ୍ଲା ପାଇଁ ଏକ ଗର୍ବ ଓ ଗୌରବର ବିଷୟ ହୋଇଛି। ଭୁବନେଶ୍ୱର କିଟ୍ ପଡ଼ିଆ ଠାରେ ଆରମ୍ଭ ହୋଇଥିବା ଓଡ଼ିଶା – ସର୍ଭିସେସ୍ ରଣଜୀ ମ୍ୟାଚରେ ବଲାଙ୍ଗୀରର ଉଦୀୟମାନ ଯୁବ କ୍ରିକେଟର ଓମକାର ମହାନ୍ତି ସ୍ଥାନ ପାଇଥିବାରୁ ବଲାଙ୍ଗୀର ଜିଲ୍ଲା କ୍ରୀଡ଼ା ସଂସଦ ଓ ବଲାଙ୍ଗୀରବାସୀ ଶୁଭେଚ୍ଛା ଜଣାଇଛନ୍ତି।

# ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି : ଆଜି ଚୀନ୍‌କୁ ଭେଟିବ ଭାରତ

**ଚଣ୍ଡିଗଡ଼**




ଚଳିତ ଚାମ୍ପିଅନ୍ସ ଟ୍ରଫିରେ ବିଜୟରୁ ଅଭିଯାନ ଆରମ୍ଭ କରିଥିବା ୫ ଥରର ବିଜେତା ଭାରତ ନିଜର ଦ୍ୱିତୀୟ ମ୍ୟାଚ୍‌ରେ ଗୁରୁବାର ଚୀନ୍‌କୁ ଭେଟିବ। ଜାପାନରେ ଆୟୋଜିତ ଏସୀୟ କ୍ରୀଡ଼ାରେ ଲଗାତାର ଦ୍ୱିତୀୟ ସ୍ୱର୍ଣ୍ଣ ସହ ଲସ୍‌ଏଞ୍ଜେଲସ୍ ଅଲିମ୍ପିକ୍ସରେ ସ୍ଥାନ ପକ୍କା କରିଥିବାରୁ ହରମନ୍‌ପ୍ରୀତ ସିଂହଙ୍କ ଦଳ ଦୃଢ଼ ଆତ୍ମବିଶ୍ୱାସରେ ରହିଛି।

ଏହି ଦଳ ମଙ୍ଗଳବାର ବାଂଲାଦେଶକୁ ଏକତରଫା ଭାବେ ୧୩-୦ ଗୋଲ୍‌ରେ ପରାସ୍ତ କରିଛି। ଏଥିରେ ଉଭୟ ୮ ଫିଲ୍ଡ ଓ ୫ ପେନାଲ୍ଟି କର୍ଣ୍ଣର ଗୋଲ୍ ରହିଥିଲା। ମନଦୀପ ସିଂହ ହ୍ୟାଟ୍ରିକ୍ ଅର୍ଜନ କରିଥିଲା ବେଳେ ହରମନ୍‌ପ୍ରୀତ, ଦିଲପ୍ରୀତ ସିଂହ, ଉପଅଧିନାୟକ ହାର୍ଦ୍ଦିକ ସିଂହ ୨ ଲେଖାଏଁ ଏବଂ ଓଡ଼ିଆ ପୁଅ ଶିଳାନନ୍ଦ ଲାକ୍ରା, ନୀଳକାନ୍ତ ଶର୍ମା ଓ ଯୁଗରାଜ ସିଂହ ଗୋଟିଏ ଲେଖାଏଁ ଗୋଲ୍ ଦେଇ ଏହି ବିଜୟରେ ନିଜ ନିଜର ଅବଦାନ ରଖିଥିଲେ। ଚୀନ ବିପକ୍ଷରେ ଏହି ଧାରା ବଜାୟ ରଖିବାକୁ ଭାରତ ଲକ୍ଷ୍ୟ ରଖିଛି।

ଅନ୍ୟପକ୍ଷରେ ଚୀନ୍ କଡ଼ା ସଂଘର୍ଷ କରି ଏସୀୟ କ୍ରୀଡ଼ା ରୌପ୍ୟ ବିଜେତା ମାଲେସିଆଠୁ ୪-୫ ଗୋଲ୍‌ରେ ହାରି ଯାଇଥିଲା। ଏହି ପ୍ରତିଯୋଗିତାକୁ ନୂଆ ଦଳ ସହ ଆସିଥିବା ଚୀନ୍ ପ୍ରଥମ ମ୍ୟାଚ୍‌ରେ ମାଲେସିଆକୁ ଟକ୍କର ଦେଇଥିବାରୁ ଭାରତକୁ ସହଜରେ ବାଟ ଛାଡ଼ିବନି। ଏହାକୁ ନେଇ ଭାରତର ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲ୍‌ଟନ୍ କହିଛନ୍ତି, ଚୀନ୍ ସମ୍ପୂର୍ଣ୍ଣ ନୂଆ ଦଳ ସହ ଏଠାକୁ ଆସିଛି। ଏସୀୟ କ୍ରୀଡ଼ାରେ ଖେଳିଥିବା ଖେଳାଳି ଏଥିରେ ନାହାନ୍ତି। ତେଣୁ ଏହି ଦଳ ବିଷୟରେ ଆମେ କିଛି ଜାଣିନୁ କି ସେମାନଙ୍କ ଖେଳ ଦେଖିନୁ। ତେଣୁ ଆମେ ସେମାନଙ୍କ ବିଷୟରେ ଜାଣିବା ଲାଗି ମଙ୍ଗଳବାରର ମ୍ୟାଚ୍ ଭିଡିଓକୁ ଦେଖି ଯୋଜନା ପ୍ରସ୍ତୁତ କରିବୁ।''

ଭାରତୀୟ ଦଳ: ଗୋଲି-ସୂରଜ କରକେରା, କ୍ରିଷନ ବାହାଦୁର ପାଠକ, ଡେଫେଣ୍ଡର-ସଞ୍ଜୟ, ହରମନ୍‌ପ୍ରୀତ ସିଂହ (ଅଧିନାୟକ), ଅମିତ ରୋହିଦାସ, ଯୁଗରାଜ ସିଂହ, ଜର୍ମନପ୍ରୀତ ସିଂହ, ଅମନଦୀପ ଲାକ୍ରା, ମିଡ୍‌ଫିଲ୍ଡର-ରାଜିନ୍ଦର ସିଂହ, ଆଦିତ୍ୟ ଅର୍ଜୁନ ଲାଲାଗେ, ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂହ, ବିବେକ ସାଗର ପ୍ରସାଦ, ଫରଓ୍ୱାର୍ଡ-ଶିଳାନନ୍ଦ ଲାକ୍ରା, ଅଭିଷେକ, ସୁଖଜିତ ସିଂହ, ଦିଲପ୍ରୀତ ସିଂହ, ମନଦୀପ ସିଂହ।

## ଏସୀୟ ଚାମ୍ପିଅନ୍ସ ଟ୍ରଫି ପରେ ଅବସର ନେବେ ନୀଳକାନ୍ତ

**ଚଣ୍ଡିଗଡ଼**

ଭାରତୀୟ ହକି ଦଳର ଭେଟେରାନ ମିଡ୍‌ଫିଲଡର ନୀଳକାନ୍ତ ଶର୍ମା ଚଳିତ ଏସୀୟ ଚାମ୍ପିଅନ୍ସ ଟ୍ରଫି ପରେ ଅନ୍ତର୍ଜାତୀୟ ହକିରୁ ଅବସର ନେବେ। ଯୁବ ଖେଳାଳିଙ୍କ ପାଇଁ ବାଟ ଛାଡ଼ିବାକୁ ସେ ଏହି ନିଷ୍ପତ୍ତି ନେଇଥିବା ଏସୀୟ ଚାମ୍ପିୟନ୍ସ ଟ୍ରଫି ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ଭାରତ ହରାଇବା ପରେ କହିଛନ୍ତି। ଅଲିମ୍ପିକ୍ସ ୨୦୨୮ ପ୍ରସ୍ତୁତ ଲାଗି ଯୁବ ପିଢ଼ିଙ୍କୁ ଏବଠୁ ପ୍ରସ୍ତୁତ କରିବାକୁ ହକି ଇଣ୍ଡିଆ ଯୋଜନା କରୁଛି। ଏସୀୟ କ୍ରୀଡ଼ା ବିଜୟ ପରେ ଭାରତର ଏଲ୍‌ଏ୨୦୨୮ ଟିକେଟ ନିଶ୍ଚିତ ହେବା ପରେ ଭେଟେରାନ ଖେଳାଳିଙ୍କୁ ସମ୍ମାନର ସହ ବିଦାୟ ଦେବାକୁ ଚିନ୍ତା କରିଛି। ଏଥିରେ ଅଲିମ୍ପିକ୍ସ ଓ ଏସୀୟ କ୍ରୀଡ଼ା ପଦକ ବିଜେତା ଦଳର ସଦସ୍ୟ ଥିବା ନୀଳକାନ୍ତ, ଜର୍ମନ୍‌ପ୍ରୀତ ସିଂହ, ମନଦୀପ ସିଂହ ଓ ଅମିତ ରୋହିଦାସ ରହିଛନ୍ତି। ଫଳରେ ଏସୀୟ ଚାମ୍ପିଅନ୍ସ ଟ୍ରଫି ଏମାନଙ୍କ ଶେଷ ପ୍ରତିଯୋଗିତା ହେବ ବୋଲି ଆଲୋଚନା ହୋଇଥିଲା। ଏହି ଯୋଜନା ଅନୁଯାୟୀ ନୀଳକାନ୍ତଙ୍କଠୁ ଏହା ଆରମ୍ଭ ହୋଇଛି। ମଙ୍ଗଳବାର ୩୧ ବର୍ଷୀୟ ବର୍ଷୀୟ ନୀଳକାନ୍ତ ନିଜ ଅବସର ବିଷୟରେ ନିଶ୍ଚିତ କରି କହିଥିଲେ ଯେ ''ମୁଁ ମୋ ନିଜ ଇଚ୍ଛାରେ ଏହି ନିଷ୍ପତ୍ତି ନେଇଛି। ମୋତେ କେହି ବାଧ୍ୟ କରିନାହାନ୍ତି। ନିଶ୍ଚିତ, ଖେଳାଳି ଭାବେ ଏହାର ଅଭାବ ଅନୁଭବ କରିବି। କିନ୍ତୁ ଭବିଷ୍ୟତ ପିଢ଼ି ପାଇଁ ଏହି ନିଷ୍ପତ୍ତି ନେଇଛି। ଅନେକ ପ୍ରତିଭାବାନ ଖେଳାଳି ସୁଯୋଗ ଅପେକ୍ଷାରେ ଅଛନ୍ତି ଏବଂ ସେମାନଙ୍କୁ ଆଗକୁ ଆସିବା ଆବଶ୍ୟକ। ଏସୀୟ କ୍ରୀଡ଼ା ପରେ ଏବଂ ଏହି ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ମୋର ଏହି ନିଷ୍ପତ୍ତି ବିଷୟରେ ପ୍ରଶିକ୍ଷକ କ୍ରେଗ୍‌ଙ୍କୁ ଜଣାଇଥିଲି। ଅବସର ପରେ ମୋର ଅଭିଜ୍ଞତା ନୂଆ ପିଢ଼ିକୁ ବାଣ୍ଟିବି। ଏଥି ପାଇଁ ପ୍ରସ୍ତୁତ ଅଛି। ମୁଁ ଘରକୁ ଯେତେବେଳେ ଯାଏ, ଯୁବ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦିଏ।

ଟୋକିଓ ଅଲିମ୍ପିକ୍ସ ପରେ, ଯେତେବେଳେ ରାଜ୍ୟ ସରକାର ମୋତେ ଚାକିରି ପ୍ରସ୍ତାବ ଦେଲେ, ମୁଁ କ୍ରୀଡ଼ା ବିଭାଗକୁ ହିଁ ବାଛିଥିଲି। କାରଣ ପ୍ରଶିକ୍ଷକ ହେବାର ଆଗ୍ରହ। ଭବିଷ୍ୟତ ପାଇଁ ଏହା ହିଁ ଯୋଜନା। ମୁଁ ୯-୧୦ ବର୍ଷ ଧରି ଜାତୀୟ ଦଳ ପାଇଁ ଖେଳିଛି। କିନ୍ତୁ ଆହୁରି ଅନେକ ଖେଳାଳି ଅପେକ୍ଷାରେ ଅଛନ୍ତି ଏବଂ ଅଲିମ୍ପିକ୍ସରେ ଖେଳିବାକୁ ସମସ୍ତେ ସ୍ୱପ୍ନ ଦେଖୁଛନ୍ତି। ସେମାନେ ସୁଯୋଗ ପାଇବା ଦରକାର''।

# ଏସିଆନ୍ ପାରା ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ନୀରଜଙ୍କ ଆତ୍ମହତ୍ୟା




**ନୂଆଦିଲ୍ଲୀ**

କ୍ରୀଡ଼ା ଜଗତରୁ ଆସିଛି ଦୁଃଖଦ ଖବର। ଏସିଆନ୍ ପାରା ଗେମ୍ସରେ ୩ଟି ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଯାଦବ ଆତ୍ମହତ୍ୟା କରିଛନ୍ତି। ଡୋପ୍ ଟେଷ୍ଟ ପରେ ବ୍ୟାନ୍ ହେବା ପରେ ଚାପରେ ଥିଲେ ନୀରଜ। ୪୨ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଛି। ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ନୀରଜ ତାଙ୍କ ଘରେ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଦିଲ୍ଲୀର ଏକ ହସ୍ପିଟାଲରେ ନୀରଜଙ୍କ ମୃତଦେହ ପୋଷ୍ଟମର୍ଟମ କରାଯାଇଛି। ସେ ଏପରି ଚରମ ନିଷ୍ପତ୍ତି କାହିଁକି ନେଲେ ତାହା ତଦନ୍ତ ପରେ ଜଣାପଡ଼ିବ। ନୀରଜଙ୍କ ବିୟୋଗରେ କ୍ରୀଡ଼ା ଜଗତ ସ୍ତବ୍ଧ ହୋଇଛି। ଜଣେ ଷ୍ଟାର୍ ଆଥଲେଟ୍‌ଙ୍କୁ ହରାଇଛି ଦେଶ।

ନୀରଜ ଯାଦବ ଭାରତୀୟ ପାରା ଆଥଲେଟିକ୍ସ ଦଳର ମୁଖ୍ୟ ପ୍ରଶିକ୍ଷକ ଏସ୍ ସତ୍ୟନାରାୟଣ କହିଛନ୍ତି, ନୀରଜ ଆତ୍ମହତ୍ୟା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ୪୨ ବର୍ଷୀୟ ନୀରଜଙ୍କ ଆତ୍ମହତ୍ୟାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ନୀରଜ ଯାଦବ ଚଳିତ ବର୍ଷ ଆଇଚି ନାଗୋୟାରେ ଅନୁଷ୍ଠିତ ଏସୀୟ ପାରା ଗେମ୍ସରେ ଭାଗ ନେଇନଥିଲେ କାରଣ ତାଙ୍କୁ ଡୋପିଂ ପାଇଁ ନିଷିଦ୍ଧ କରାଯାଇଥିଲା। କୁହାଯାଉଛି ଯେ ସେହି ନିଷେଧାଦେଶ ଯୋଗୁଁ ସେ ମଧ୍ୟ ଚିନ୍ତାରେ ଥିଲେ। ଏହି ମାନସିକ ଚିନ୍ତାରେ ହୁଏତ ସେ ଜୀବନ ହାରିବା ପରି ଚରମ ନିଷ୍ପତ୍ତି ନେଇ ଥାଇପାରନ୍ତି।

ନୀରଜ ଯାଦବ ଏଫ୍ ୫୫ ବର୍ଗରେ ଖେଳନ୍ତି, ଯେଉଁଥିରେ ସଟ୍ ପୁଟ୍, ଡିସକସ୍ ଥ୍ରୋ ଏବଂ ଜାଭେଲିନ୍ ଥ୍ରୋ ଭଳି ସିଟିଂ ସ୍ପୋର୍ଟସ୍ ଇଭେଣ୍ଟ ଅନ୍ତର୍ଭୁକ୍ତ। ମୁଖ୍ୟ ପ୍ରଶିକ୍ଷକ ଏସ ସତ୍ୟନାରାୟଣ କହିଛନ୍ତି ଯେ, ଆତ୍ମହତ୍ୟା ପଛର କାରଣ ସେ ଜାଣି ନାହାନ୍ତି। କିନ୍ତୁ ଯଦି ଆପଣ ମୋତେ ପଚାରିବେ, ମୁଁ କହିବି ଯେ ଜଣେ ଖେଳାଳି ଧୈର୍ଯ୍ୟର ସହିତ ଉତ୍ଥାନ ପତନର ସାମ୍ନା କରିବା ଉଚିତ୍। ଏହା ଦୁର୍ଭାଗ୍ୟଜନକ ଯେ ସେମାନେ ଏପରି କଠୋର ପଦକ୍ଷେପ ନେଇଛନ୍ତି।

ଭାରତର ଅନ୍ୟତମ ପ୍ରତିଭାଶାଳୀ ପାରା ଆଥଲେଟ୍ ନୀରଜ ଯାଦବ ଏସୀୟ ପାରା ଗେମ୍ସରେ ୩ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ୨୦୧୮ରେ ଜାକର୍ତ୍ତାରେ ଜାଭେଲିନ୍ ଥ୍ରୋରେ ଏବଂ ୨୦୨୩ ରେ ହାଙ୍ଗଝୋଉରେ ଜାଭେଲିନ୍ ଥ୍ରୋ ଏବଂ ଡିସକସ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୭ ବର୍ଷ ବୟସରେ ନୀରଜ ପୋଲିଓରେ ଆକ୍ରାନ୍ତ ହୋଇଥିଲେ। ସେ ପ୍ରଥମେ ହ୍ୱିଲ୍ ଚେୟାର ଟେନିସ୍ ଖେଳିବା ଆରମ୍ଭ କରିଥିଲେ ଏବଂ ପରେ ପାରା ଆଥଲେଟିକ୍ସରେ ହାତରେ ଡିସକସ୍ ଥ୍ରୋ ଚେଷ୍ଟା କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ନିଜର ପରିଚୟ ସୃଷ୍ଟି କରିଥିଲେ। ଆଜି ଜଣେ ଷ୍ଟାର ଆଥଲେଟଙ୍କୁ ହରାଇ ସ୍ତବ୍ଧ ହୋଇଛି କ୍ରୀଡ଼ା ଜଗତ। ଶାରୀରିକ ଭାବେ ଯିଏ ହାରି ନଥିଲେ ସେ ମାନସିକ ଭାବେ କିପରି ହାରିଗଲେ। କାହିଁକି ଏମିତି ଚରମ ନିଷ୍ପତ୍ତି ନେବେ ତାହା ପ୍ରଶ୍ନ ଘେରରେ ରହିଛି।


**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI**
**CONTRACTUAL APPOINTMENT** 10001/659/2627

**Advt. No : 2949 /DPMU** **Dt: 27.10.2026**

Walk-in-Interview only for Pediatricians-DEIC, MOs-UAAM and Applications are invited from eligible candidates for filling up the following posts (BDM, NHM) through Regd. Post/speed post under National Health Mission, Puri on contractual basis. Selected Candidates shall be paid monthly remuneration & such other allowances/ incentives as admissible under the norms of the society & approval in PIP.

| Sl No | Name of the Post | Vacancy | Mode of Interview |
|---|---|---|---|
| 1 | Pediatricians-DEIC | 1 | Walk In Interview on dt.06.11.2026 (11.00AM) |
| 2 | MO –MBBS, UAAM-Nimapada, Konark & Mangalghat) | 3 | |
| 3 | Block Data Manager (BDM) | 1 | Application invitation on or before13.11.2026 (05.00PM) |

The application format and details are available in the district website https://puri.odisha.gov.in

-Sd- Chief District Medical & Public Health Officer, Puri

OIPR-10001/10284/1/26-27/0002



GOVERNMENT OF ODISHA E. Mail – rwd.bonai@yahoo.com
OFFICE OF THE EXECUTIVE ENGINEER
RURAL WORKS DIVISION, BANAI
**TENDER CALL NOTICE**
**BID IDENTIFICATION NO. ONLINE-EEBNI-14 of 2026-27** 25001/1367/2627

1. Name of the Work :- Building Maintainance Works
2. Total No. of works :- 11 (Eleven) Nos.
3. Estimated cost :- Rs . 2.12 to 3.39 Lakhs
4. Class of contractor :- " C " & "D"Class Only
5. Period of completion :- 01 (One) Month
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Technical + Financial Bid Opening |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bonai | ONLINE - EEBNI-14 of 2026-27 | 31.10.2026 from 11.00 AM | 09.11.2026 upto 05.00 PM | 08.11.2026 upto 5.00 PM | 10.11.2026 11.00 AM |

Further details can be seen from the website www.tendersorissa.gov.in & for more information please visit the office.

Sd/- Superintending Engineer
RW Division, Banai

OIPR-25001/25200/1/26-27/0015



**OFFICE OF THE DIVISIONAL FOREST OFFICER, RAYAGADA**
ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ରାୟଗଡା 8001/416/2627
E-mail: dfo.rayagada@odisha.gov.in
**Tender Call Notice No. 06/2026-27 Dated. 27.10.2026.**

Sealed percentage-rate bids in offline mode are invited from eligible contractors for construction of 03 nos. VSS Buildings under Rayagada Forest Division during FY 2026-27 at Tikarapoda (Kashipur), Gouda Sahi (Kashipur) & Khuntia Sahi (Kashipur) under Kashipur GP.

- Estimated Cost: ₹12,84,000/- per work (Inclusive of GST)
- Tender Document Fee: ₹6,000/- per work.
- EMD: ₹12,900/- per work.
- Completion Period: 3 months.
- Bid Submission: Bidders may apply for one or more works; a separate bid shall be submitted for each work.
- Availability of Tender Documents: 28.10.2026 to 12.11.2026, up to 5:00 PM.
- Last Date & Time for Submission: 12.11.2026, up to 5:00 PM.
- Opening of Technical Bids: 13.11.2026 at 11:00 AM at the office of the undersigned.
- Mode of Submission: Physical submission in the prescribed three-cover system.
- Detailed DTCN: Available at the office of the undersigned and on the websites www.odishaforest.in/tenders and https://rayagada.odisha.gov.in.

Sd/- Divisional Forest Officer
Rayagada Division

OIPR-8001/8062/1/26-27/0007



KDA 13001/2275/2627

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-୯ରେ ପ୍ଲଟ୍ ନଂ-6B/928 ଟିକୁ ଶ୍ରୀମତୀ ହୈମବତୀ ଦାଶ @ ଆଚାର୍ଯ୍ୟ, ସ୍ୱାମୀ- ସ୍ୱର୍ଗତ ଅଶୋକ ଆଚାର୍ଯ୍ୟ ଏବଂ ତାଙ୍କ ପୁତ୍ର ଶ୍ରୀ ଧରଣୀଧର ଆଚାର୍ଯ୍ୟ, ପିତା-ସ୍ୱର୍ଗତ ଅଶୋକ ଆଚାର୍ଯ୍ୟ, ସା-ପ୍ଲଟ୍ ନଂ-3D/1259, ସେକ୍ଟର-୧୧, କେଡିଏ, ପୋ-ଅଭିନବ ବିଡ଼ାନାସୀ, ଥା- ମର୍କତ ନଗର ଫେସ୍-୨, ଜିଲ୍ଲା-କଟକ, ପିନ୍-୭୫୩୦୧୪, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ହୈମବତୀ ଦାଶ @ ଆଚାର୍ଯ୍ୟ ଏବଂ ତାଙ୍କ ପୁତ୍ର ଶ୍ରୀ ଧରଣୀଧର ଆଚାର୍ଯ୍ୟ ଉକ୍ତ ପ୍ଲଟ୍ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ କମଲେଶ କୁମାର ଜୈନ, ପିତା- ଶ୍ରୀ ହୀରାଲାଲ ଜୈନ, ସା- ଚଣ୍ଡିଖୋଲ ଛକ, ପୋ-ସୁଂଗୁଡ଼ା, ଥା-ଚଣ୍ଡିଖୋଲ, ଜିଲ୍ଲା-ଯାଜପୁର, ରାଜ୍ୟ-ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତପ୍ରରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13001/13037/1/26-27/0128 ସ୍ୱା/-ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା** 13001/2249/2627
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ : (୦୬୭୪)୨୩୯୩୫୨୪,
ଏପିବିଏକ୍ସ:(୦୬୭୪)୨୩୯୧୫୪୨, ୨୩୯୦୦୪୧
ଫାକ୍ସ : (୦୬୭୪)୨୩୯୩୯୫୨, ୱେବ୍‌ସାଇଟ୍ : www.shb.org
ପତ୍ର ସଂଖ୍ୟା : ୨୩୦ ତା: ୯.୧୦.୨୦୨୬

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ।

| ମୃତ୍ୟୁ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ନାମ- ୰ସତ୍ୟ ସୁନ୍ଦର ପଣ୍ଡା<br>ପିତା- ୰ ବୈକୁଣ୍ଠନାଥ ପଣ୍ଡା<br>ସା- ନୂଆସାହି<br>ପୋ- ସିଂହପଡ଼ା<br>ଥାନା- ଖଣ୍ଡପଡ଼ା<br>ଜିଲ୍ଲା- ନୟାଗଡ଼ | ଏଲ.ଆଇ.ଜି-୨୪<br>(L.I.G-24)<br>ପଠାଣିସାମନ୍ତ<br>ହାଉସିଂ ସ୍କିମ୍<br>ମୁକ୍ତାପୁର, ନୟାଗଡ଼ | ୧.ସୁନିତା ମଞ୍ଜରୀ ପଣ୍ଡା (ସ୍ତ୍ରୀ)<br>୨.ସୁଧାଂଶୁ ଶେଖର ପଣ୍ଡା (ଅ.ବି.ପୁତ୍ର)<br>୩.ସିବାନ୍ୟ ପଣ୍ଡା (ଅ.ବି. କନ୍ୟା)<br>୪.ଆଶା ପଣ୍ଡା (ମାଆ) |

ସ୍ୱା/-ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13001/13030/1/26-27/0314



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମହାପ୍ରଭୁଙ୍କ ଆଶୀର୍ବାଦରୁ 'ଜିରୋ...

ଜିଲ୍ଲାରେ ମୁତୟନ ଥିବା ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ସହିତ କଥା ହୋଇ ସ୍ଥିତିର ତଦାରଖ କରିଥିଲେ।

କୋରାପୁଟ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ଗଜପତିରେ ଥିବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ମାଲକାନଗିରି ଦାୟିତ୍ୱ ତୁଲାଉଥିବା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଠାରୁ ବର୍ଷାର ପରିମାଣ, ନଦୀଗୁଡ଼ିକର ଜଳସ୍ତର, ତଳିଆ ଅଞ୍ଚଳର ଅବସ୍ଥା ଓ ଆଶ୍ରୟସ୍ଥଳୀରେ ଥିବା ଲୋକଙ୍କ ଖାଦ୍ୟପେୟ ସମ୍ପର୍କରେ ତନ୍ନତନ୍ନ କରି ପଚାରି ବୁଝିଥିଲେ। ବାତ୍ୟାର ପ୍ରଭାବୀ ମୁକାବିଲା ପାଇଁ ସରକାର ୨ଜଣ ଉପମୁଖ୍ୟମନ୍ତ୍ରୀ, ୬ ଜଣ କ୍ୟାବିନେଟ୍ ମନ୍ତ୍ରୀ ଓ ୭ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ବିଭିନ୍ନ ଜିଲ୍ଲାରେ ନିୟୋଜିତ କରି ପ୍ରତ୍ୟକ୍ଷ ତଦାରଖ ଦାୟିତ୍ୱ ଦେଇଥିବା କଥା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

ସୂଚନା ଅନୁସାରେ, ଲୋକଙ୍କ ନିରାପତ୍ତା ସରକାରଙ୍କ ପ୍ରଥମ ପ୍ରାଥମିକତା ହୋଇଥିବାରୁ ପ୍ରଭାବିତ ୮ଟି ଜିଲ୍ଲା ଯଥା ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଗଞ୍ଜାମ, ଗଜପତି ଓ ନୂଆପଡ଼ାର ୬୩୪ଟି ଆଶ୍ରୟସ୍ଥଳୀରେ ୪୩୮୨୭ ଜଣଙ୍କୁ ସୁରକ୍ଷିତ ଭାବେ ଅଣାଯାଇଛି। ସମସ୍ତ ଶିବିରରେ ପର୍ଯ୍ୟାପ୍ତ ପରିମାଣର ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ଜରୁରୀ ଔଷଧ ମହଜୁଦ ରଖାଯାଇଛି।

ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସୁରକ୍ଷା ଅଧୀନରେ ୨୨୪୫ ଜଣ ଗର୍ଭବତୀ ମହିଳାଙ୍କୁ ଆଗୁଆ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା, ଯେଉଁଥିରୁ ୯୩୧ ଜଣ ମହିଳା ସୁରକ୍ଷିତ ଭାବେ ନବଜାତ ଶିଶୁଙ୍କୁ ଜନ୍ମ ଦେଇଛନ୍ତି। ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ସମୁଦାୟ ୩୧୩ଟି ରେସପନ୍ସ ଟିମ୍ ନିୟୋଜିତ ହୋଇଛନ୍ତି, ଯେଉଁଥିରେ ୬୦ଟି ଓଡ୍ରାଫ୍, ୯ଟି ଏନଡିଆରଏଫ୍ ଓ ୨୪୪ଟି ଅଗ୍ନିଶମ ବାହିନୀ ସାମିଲ ଅଛନ୍ତି।

ଅନ୍ୟପକ୍ଷରେ, ଗଞ୍ଜାମରୁ ବାଲେଶ୍ୱର ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ଯାଇଥିବା ୧୯୧୪୩ଟି ଯାକ ବୋଟର ମତ୍ସ୍ୟଜୀବୀମାନଙ୍କୁ ଶତପ୍ରତିଶତ ସୁରକ୍ଷିତ ଭାବେ କୂଳକୁ ଫେରାଇ ଅଣାଯାଇଛି। ବର୍ଷା ଯୋଗୁଁ ତଳିଆ ଅଞ୍ଚଳ ଓ ସହରରେ ସମ୍ଭାବ୍ୟ ଜଳବନ୍ଦୀ ସମସ୍ୟା ଦୂର କରିବା ଲାଗି ଯୁଦ୍ଧକାଳୀନ ଭିତ୍ତିରେ ପମ୍ପ ମୁତୟନ କରି ଜଳ ନିଷ୍କାସନ ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ୧୭ଟି ବ୍ଲକରେ ୧୦୫ ମିଲିମିଟରରୁ ଅଧିକ ବର୍ଷା ହୋଇଛି। କୋରାପୁଟର ପଟାଙ୍ଗୀରେ ସର୍ବାଧିକ ୧୮୮ମିଲିମିଟର ଓ ଗଜପତିର ମୋହନାରେ ୧୮୨.୪ ମିଲିମିଟର ବର୍ଷା ହୋଇଛି। ତେବେ ଜିଲ୍ଲାମାନଙ୍କ ମଧ୍ୟରେ ଗଜପତି ଜିଲ୍ଲା ବର୍ଷା ଯୋଗୁ ସର୍ବାଧିକ ପ୍ରଭାବିତ ହୋଇଛି।

ଅନ୍ୟପକ୍ଷରେ ଭାରତୀୟ ପାଣିପାଗ ବିଭାଗ(ଆଇଏମଡି)ର ସ୍ୱତନ୍ତ୍ର ବୁଲେଟିନ୍ (ରାତି ସାଢ଼େ ୯ଟା) ଅନୁଯାୟୀ, ଉପକୂଳ ଆନ୍ଧ୍ରପ୍ରଦେଶ ଓ ତତ୍‌ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ଥିବା ଭୀଷଣ ବାତ୍ୟା 'ଅର୍ଣ୍ଣବ' ଧୀରେ ଧୀରେ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଘଣ୍ଟାପ୍ରତି ୮ କିମି ବେଗରେ ଗତି କରି ଦୁର୍ବଳ ହୋଇ ସାଧାରଣ ବାତ୍ୟାରେ ପରିଣତ ହୋଇଛି ଓ ଆଗାମୀ କିଛି ଘଣ୍ଟା ମଧ୍ୟରେ ଏହା ଆହୁରି ଦୁର୍ବଳ ହୋଇ ଗଭୀର ଅବପାତରେ ପରିଣତ ହେବ। ମଛଲିପଟନମ୍ ଉପଲର ରାଡାରର ନିରନ୍ତର ନଜରରେ ଥିବା ଏହି ବାତ୍ୟା ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ଓ କେତେକ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇଛି, ଯେଉଁଥିରେ ମହେନ୍ଦ୍ରଗଡ଼ରେ ସର୍ବାଧିକ ୨୫ ସେଣ୍ଟିମିଟର, ପଟାଙ୍ଗୀରେ ୧୯ ସେଣ୍ଟିମିଟର, ମୋହନାରେ ୧୭ ସେଣ୍ଟିମିଟର ଓ ଛତ୍ରପୁରରେ ୧୫ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି।

ଆଗାମୀ ୨୪ ଘଣ୍ଟା ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, କନ୍ଧମାଳ ଓ ମାଲକାନଗିରି ଜିଲ୍ଲାକୁ ପ୍ରବଳ ବର୍ଷା ଓ ଘଣ୍ଟାପ୍ରତି ୬୦ରୁ ୮୦ କିମି ବେଗରେ ଝଟକା ପବନ ବୋହିବ ବୋଲି ପୂର୍ବାନୁମାନ କରି 'ରେଡ୍ ୱାର୍ଣ୍ଣିଂ' ଜାରି କରାଯାଇଛି। ସେହିପରି ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାର ବହୁ ଜିଲ୍ଲାକୁ ଅରେଞ୍ଜ ଓ ୟେଲୋ ଆଲର୍ଟରେ ରଖାଯାଇଛି। ସମୁଦ୍ରରେ ୩ରୁ ୬ ମିଟର ଉଚ୍ଚ ଜୁଆର ଉଠିବା ଆଶଙ୍କା ଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ରାଜ୍ୟର ସମସ୍ତ ବନ୍ଦରରେ ୩ନମ୍ବର ସ୍ଥାନୀୟ ସତର୍କ ସଙ୍କେତ ଜାରି ରହିଛି। ନାଗାବଳୀ, ବଂଶଧାରା, ଋଷିକୁଲ୍ୟା ଓ ଶାବରୀ ଭଳି ନଦୀ ଅବବାହିକାରେ ଆକସ୍ମିକ ବନ୍ୟା ବା ଫ୍ଲାସ୍ ଫ୍ଲଡ୍ ଆଶଙ୍କା ଥିବାରୁ ପ୍ରଶାସନକୁ ସମ୍ପୂର୍ଣ୍ଣ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି।

ଏହି ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଅତିରିକ୍ତ ମୁଖ୍ୟ ସଚିବ ଡ. ଅରବିନ୍ଦ ପାଢୀ, ମୁଖ୍ୟମନ୍ତ୍ରୀଙ୍କ ସଚିବ ମନୋଜ ସାହୁଙ୍କ ସମେତ ରାଜସ୍ୱ ବିଭାଗର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ଫସଲ କ୍ଷୟକ୍ଷତି ରୋକିବା ଉପରେ...

ସତର୍କତା ଅବଲମ୍ବନ କରାଯାଇଛି।

ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଉଦ୍ଧାର ଓ ରିଲିଫ୍ ଟିମ୍‌ଗୁଡ଼ିକୁ ମୁତୟନ କରାଯାଇଥିବା ସହ ସେମାନଙ୍କୁ ସଜାଗ ରଖାଯାଇଛି। ଏଥିସହ ବିପଦସଙ୍କୁଳ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ମୁଖ୍ୟମନ୍ତ୍ରୀ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବା ସହ ଆବଶ୍ୟକ ସ୍ଥଳେ ତ୍ୱରିତ ପଦକ୍ଷେପ ଗ୍ରହଣ କରୁଥିବା ସମ୍ପର୍କରେ ଶ୍ରୀ ପାଟିଲ ରାଜ୍ୟପାଳଙ୍କୁ ଜଣାଇଥିଲେ।

ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ସଫଳତା ଏବଂ ମିଳିତ ଜାତିସଂଘ ଓ ବିଶ୍ୱବ୍ୟାଙ୍କ ଭଳି ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ଦ୍ୱାରା ଏକ ଆଦର୍ଶ ରାଜ୍ୟ ଭାବେ ଏହାର ସ୍ୱୀକୃତି ସମ୍ପର୍କରେ ମଧ୍ୟ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ରାଜ୍ୟପାଳ ସମସ୍ତ ସମ୍ପୃକ୍ତ ବିଭାଗ ଓ ସଂସ୍ଥା ମଧ୍ୟରେ ନିରନ୍ତର ସମନ୍ୱୟ ଓ ସତର୍କତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ବାତ୍ୟା ମୁକାବିଲା ସମୟରେ ଲୋକଙ୍କ ଜୀବନ ସୁରକ୍ଷା, ଫସଲର ସୁରକ୍ଷା ଏବଂ ଧନସମ୍ପତ୍ତିର କ୍ଷୟକ୍ଷତିକୁ ହ୍ରାସ କରିବାକୁ ସର୍ବାଧିକ ପ୍ରାଥମିକତା ଦେବା ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଥିଲେ।

## କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା...

ଏବଂ ମହଙ୍ଗା ସହାୟତାରେ ଏହି ବୃଦ୍ଧି ଫଳରେ ସରକାରୀ ରାଜକୋଷ ଉପରେ ମିଳିତ ଭାବେ ବାର୍ଷିକ ୧୦,୦୧୬.୧୦ କୋଟି ଟଙ୍କାର ବୋଝ ପଡ଼ିବ। ଏହାଦ୍ୱାରା ୪୮.୫୪ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୮.୭୧ ଲକ୍ଷ ପେନସନଭୋଗୀ ଉପକୃତ ହେବେ। ସପ୍ତମ କେନ୍ଦ୍ରୀୟ ବେତନ ଆୟୋଗର ସୁପାରିସ ଆଧାରରେ ଗୃହୀତ ସୂତ୍ର ଅନୁଯାୟୀ ଏହି ବୃଦ୍ଧି କରାଯାଇଛି।

## ୧୮ରୁ ବିଧାନସଭାର...

ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ଖର୍ଚ୍ଚ ବିବରଣୀ(ବଜେଟ) ଉପସ୍ଥାପନ କରାଯିବ। ଏହାପରେ ନଭେମ୍ବର ୨୫,୨୬ ଓ ୨୭ ତାରିଖ ତିନି ଦିନ ଧରି ଅତିରିକ୍ତ ଖର୍ଚ୍ଚ ବିବରଣୀ ଦାବି ଉପରେ ଆଲୋଚନା ହେବ। ନଭେମ୍ବର ୩୦ତାରିଖ ସୋମବାର ଦିନ ଏହି ଅତିରିକ୍ତ ଖର୍ଚ୍ଚ ଦାବି ଉପରେ ବ୍ୟୟ ମଞ୍ଜୁରୀ ଆଗତ କରାଯାଇ ପାରିତ ହେବାକୁ ସ୍ଥିରୀକୃତ ହୋଇଛି। ଅଧିବେଶନରେ ମୋଟ୍ ୩୧ଟି କାର୍ଯ୍ୟଦିବସ ମଧ୍ୟରୁ ୨୫ଟି ସରକାରୀ କାର୍ଯ୍ୟ ଦିବସ ଓ ବଜେଟ୍ ସମ୍ବନ୍ଧୀୟ ଆଲୋଚନା ପାଇଁ ରଖାଯାଇଥିବାବେଳେ ୬ଟି ବେସରକାରୀ ସଭ୍ୟଙ୍କ କାର୍ଯ୍ୟ ଦିବସ (ବିଲ୍ ଓ ସଂକଳ୍ପ) ନିମନ୍ତେ ଧାର୍ଯ୍ୟ କରାଯାଇଛି।

## ଦୁଇ ଦ୍ରୁତଗାମୀ ଟ୍ରେନ୍...

ଇରଯୋ ଟ୍ରେନରେ ଜଣେ ଶିଶୁଙ୍କ ସମେତ ୧୪୭ ଜଣ ଯାତ୍ରୀ ରହିଥିଲେ। ସେହିପରି ରେନଫେରେ ଥିଲେ ୩୯୭ ଜଣ ଯାତ୍ରୀ। ହେଲେ ଗୋଟିଏ ଟ୍ରେନ ଆଉ ଗୋଟିଏ ଟ୍ରେନର ପଛ ପଟୁ ଜୋରଦାର ଧକ୍କା ଦେଇଥିଲା।

## ପ୍ରାକୃତିକ ଜଳ ନିଷ୍କାସନ...

ଅଧିକାରୀମାନଙ୍କୁ କହିଥିଲେ। ବିଶେଷକରି ଜଳବନ୍ଦୀ ଓ ବନ୍ୟାପ୍ରବଣ ଅଞ୍ଚଳଗୁଡ଼ିକୁ ପ୍ରାଥମିକତା ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ପ୍ରାକୃତିକ ଜଳ ନିଷ୍କାସନ ପଥଗୁଡ଼ିକୁ ଜବରଦଖଲ, ଅନଧିକୃତ ପୋତିବା, ଅବରୋଧ ଓ ଜଳ ପ୍ରବାହର ଦିଗ ପରିବର୍ତ୍ତନ ଭଳି କାର୍ଯ୍ୟରୁ ସୁରକ୍ଷିତ ରଖିବା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ। ସହର ଯୋଜନା ଓ ଭିତ୍ତିଭୂମି ବିକାଶ ସମୟରେ ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥାର ସୁରକ୍ଷାକୁ ଗୁରୁତ୍ୱ ଦେବା ସହ ବିଭିନ୍ନ ବିଭାଗ ଓ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ସେ ଜୋର୍ ଦେଇଥିଲେ।

ପ୍ରସ୍ତାବିତ ଏସ୍‌ଓପିର ମୁଖ୍ୟ ନୀତି ହେଉଛି "ପ୍ରାକୃତିକ ଜଳ ନିଷ୍କାସନ ଓ ବନ୍ୟାଜଳ ସଂରକ୍ଷଣ କ୍ଷମତାରେ କୌଣସି ନିଟ୍ କ୍ଷତି ନହେବା"। ଏହାର ଉଦ୍ଦେଶ୍ୟ ହେଉଛି, ବିକାଶମୂଳକ କାର୍ଯ୍ୟ ଯୋଗୁଁ ଜଳ ନିଷ୍କାସନ ପଥର ସଂଯୋଗ ବ୍ୟବସ୍ଥା ବାଧାପ୍ରାପ୍ତ ନହେବା କିମ୍ବା ଅତିରିକ୍ତ ବର୍ଷାଜଳ ଧାରଣ କରୁଥିବା ଅଞ୍ଚଳଗୁଡ଼ିକର ସଂରକ୍ଷଣ କ୍ଷମତା ହ୍ରାସ ନପାଇବା ସୁନିଶ୍ଚିତ କରିବା।

ଏହି ଢାଞ୍ଚା ଅନୁଯାୟୀ, ରାଜ୍ୟର ସମସ୍ତ ସହରାଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ଜଳ ନିଷ୍କାସନ ନେଟୱର୍କ ଓ ଜଳାଶୟଗୁଡ଼ିକର ସର୍ଭେ, ଭୌଗୋଳିକ ଅବସ୍ଥିତି ନିର୍ଦ୍ଧାରଣ ଏବଂ ଭୌଗୋଳିକ ସୂଚନା ବ୍ୟବସ୍ଥା (ଜିଆଇଏସ୍) ଆଧାରିତ ମାନଚିତ୍ର ପ୍ରସ୍ତୁତି କରାଯିବା ପ୍ରସ୍ତାବ ରହିଛି। ଏହି ତଥ୍ୟଗୁଡ଼ିକୁ ସହରାଞ୍ଚଳ ବିକାଶ ଯୋଜନା, ଜମି ବ୍ୟବହାର ଯୋଜନା ଏବଂ ସମନ୍ୱିତ ବର୍ଷାଜଳ ନିଷ୍କାସନ ମାଷ୍ଟର ପ୍ଲାନ୍‌ରେ ସାମିଲ କରାଯିବ। ଏହାଦ୍ୱାରା ଯୋଜନା ପ୍ରସ୍ତୁତି, ନିର୍ମାଣ ଅନୁମତି ପ୍ରକ୍ରିୟା ଓ ବନ୍ୟା ପରିଚାଳନା ଅଧିକ ସୁଦୃଢ଼ ହୋଇପାରିବ।

ପ୍ରସ୍ତାବରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ କମିଟି ଏବଂ ସ୍ୱତନ୍ତ୍ର କାର୍ଯ୍ୟାନ୍ୱୟନ ଟାସ୍କଫୋର୍ସ ଗଠନର ବ୍ୟବସ୍ଥା ମଧ୍ୟ ରହିଛି। ଏହି କମିଟି ଓ ଟାସ୍କଫୋର୍ସଗୁଡ଼ିକ ଜଳ ନିଷ୍କାସନ ପଥ ଓ ଜଳାଶୟଗୁଡ଼ିକର ଚିହ୍ନଟ, ସୁରକ୍ଷା, ପୁନରୁଦ୍ଧାର ଏବଂ ନିରୀକ୍ଷଣ କାର୍ଯ୍ୟରେ ସମନ୍ୱୟ ରକ୍ଷା କରିବା ପ୍ରସ୍ତାବିତ ହୋଇଛି।

ଏଥିସହ ନିୟମିତ ଯାଞ୍ଚ, ବିଶେଷକରି ମୌସୁମୀ ପୂର୍ବରୁ ନିରୀକ୍ଷଣ, ଜବରଦଖଲ ଓ ପୁନରୁଦ୍ଧାର ସମ୍ପର୍କିତ ପଦକ୍ଷେପର ଡିଜିଟାଲ୍ ଦଲିଲୀକରଣ ଏବଂ ନିୟମିତ ତଦାରଖ ବ୍ୟବସ୍ଥା ଗ୍ରହଣ କରାଯିବା ପ୍ରସ୍ତାବ ରହିଛି। ଜଳ ନିଷ୍କାସନ ସମ୍ବନ୍ଧୀୟ ସମସ୍ୟାର ସମାଧାନ ଓ ବିପଦପ୍ରବଣ ଅଞ୍ଚଳଗୁଡ଼ିକର ସୁରକ୍ଷା ପାଇଁ ବିଭାଗୀୟ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ଉପରେ ମଧ୍ୟ ଏହି ଢାଞ୍ଚାରେ ଗୁରୁତ୍ୱ ଦିଆଯାଇଛି।

ସୁରକ୍ଷିତ ଜଳ ନିଷ୍କାସନ ପଥ ଓ ଜଳାଶୟଗୁଡ଼ିକୁ ପ୍ରଭାବିତ କରୁଥିବା ବିକାଶମୂଳକ ପ୍ରସ୍ତାବଗୁଡ଼ିକର ଯାଞ୍ଚ ପ୍ରଚଳିତ ଆଇନଗତ ବ୍ୟବସ୍ଥା ଓ ବୈଷୟିକ ମାନଦଣ୍ଡ ଅନୁଯାୟୀ କରାଯିବ। ଏହାଦ୍ୱାରା ଜଳ ନିଷ୍କାସନ ପଥର ନିରବଚ୍ଛିନ୍ନ ସଂଯୋଗ ଓ ବନ୍ୟାଜଳ ସଂରକ୍ଷଣ କ୍ଷମତାର ସୁରକ୍ଷା ନିଶ୍ଚିତ କରାଯାଇପାରିବ।

ସହର ଯୋଜନା, ଜମି ବ୍ୟବହାର ନିୟନ୍ତ୍ରଣ ଓ ଭିତ୍ତିଭୂମି ବିକାଶ ସହ ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥାର ସୁରକ୍ଷାକୁ ସମନ୍ୱିତ କରିବା ଏହି ପ୍ରସ୍ତାବର ମୁଖ୍ୟ ଉଦ୍ଦେଶ୍ୟ। ଏହା ମାଧ୍ୟମରେ ବନ୍ୟା ବିପଦ ହ୍ରାସ, ଜନଜୀବନ ଓ ସମ୍ପତ୍ତିର ସୁରକ୍ଷା ଏବଂ ଓଡ଼ିଶାର ସହରାଞ୍ଚଳଗୁଡ଼ିକୁ ଅଧିକ ସୁରକ୍ଷିତ, ସ୍ଥାୟୀ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସହନଶୀଳ କରିବା ଲକ୍ଷ୍ୟ ରଖାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରସ୍ତାବିତ ଏସ୍‌ଓପି ବର୍ତ୍ତମାନ ଚିଠା ଆକାରରେ ବିଚାରାଧୀନ ରହିଛି। ଏହାର ଅନୁମୋଦନ, ଜାରି ଓ କାର୍ଯ୍ୟକାରିତା ପାଇଁ ଉପଯୁକ୍ତ ବ୍ୟବସ୍ଥା ସମ୍ପର୍କରେ ସରକାର ନିଷ୍ପତ୍ତି ନେବେ। ଏ ସଂକ୍ରାନ୍ତରେ ଯେକୌଣସି କାର୍ଯ୍ୟାନୁଷ୍ଠାନ ପ୍ରଚଳିତ ଆଇନ ଓ ନିୟମାବଳୀ ଅନୁଯାୟୀ ଗ୍ରହଣ କରାଯିବ। ବୈଠକରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ମୁଖ୍ୟମନ୍ତ୍ରୀ ତଥା ଅତିରିକ୍ତ ସଚିବ ଭାଗ୍ୟଧର ମହାନ୍ତି, ଜଳସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ (ଡ୍ରେନେଜ), ନଗର ଯୋଜନାବିଦ୍ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀମାନେ ଯୋଗ ଦେଇଥିଲେ।

# ସାଧୁତା ଓ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ସତର୍କତା କର୍ମଶାଳା ଓ ସେମିନାର ଆୟୋଜିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସତର୍କତା ସଚେତନତା ସପ୍ତାହ–୨୦୨୬ ପାଳନ ଅବସରରେ ପୂର୍ବତଟ ରେଳପଥର ସତର୍କତା ଶାଖା ପକ୍ଷରୁ ଭୁବନେଶ୍ୱରସ୍ଥିତ ରେଳ ସଦନଠାରେ ଥିବା ପୂର୍ବତଟ ରେଳପଥ ମୁଖ୍ୟାଳୟରେ କର୍ମଶାଳା ଓ ସେମିନାର ଆୟୋଜନ କରାଯାଇଥିଲା। ସରକାରୀ ସେବାରେ ସାଧୁତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ନୈତିକ ଆଚରଣକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କର୍ମଶାଳାରେ ପୂର୍ବତଟ ରେଳପଥର ପ୍ରମୁଖ ମୁଖ୍ୟ ଯନ୍ତ୍ରୀ ରାଜେଶ କୁମାର ଶେଖାୱତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବୋଧିତ କରିଥିଲେ। ସରକାରୀ କର୍ତ୍ତବ୍ୟ ସମ୍ପାଦନ ସମୟରେ ସାଧୁତା, ସଚ୍ଚୋଟତା ଓ ଉତ୍ତରଦାୟିତ୍ୱର ଉଚ୍ଚ ମାନଦଣ୍ଡ ବଜାୟ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହାର ପୂର୍ବଦିନ, ଅର୍ଥାତ୍ ୨୭ ଅକ୍ଟୋବର ୨୦୨୬ରେ, ଏକ ସେମିନାର ଆୟୋଜନ କରାଯାଇଥିଲା। ଏଥିରେ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ପ୍ରାଣବିନ୍ଦୁ ଆଚାର୍ଯ୍ୟ ଉଦ୍‌ବୋଧନ ଦେଇଥିଲେ। ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବୋଧିତ କରି ଶ୍ରୀ ଆଚାର୍ଯ୍ୟ ସରକାରୀ ସେବାରେ ସାଧୁତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ନୈତିକ ଆଚରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏକ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ କାର୍ଯ୍ୟସଂସ୍କୃତି ଗଠନ ଦିଗରେ ଯୋଗଦାନ ଦେବା ସହ ସାଧୁତାର ଉଚ୍ଚ ମାନଦଣ୍ଡ ବଜାୟ ରଖିବାକୁ ସେ ରେଳ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ୨୦୨୬ ଅକ୍ଟୋବର ୨୬ରୁ ନଭେମ୍ବର ୧ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ଚଳିତ ବର୍ଷର ବିଷୟବସ୍ତୁ "ସମୃଦ୍ଧି ପାଇଁ ସତ୍ୟନିଷ୍ଠା" ରହିଛି। ଏହି ବିଷୟବସ୍ତୁ ଜନସାଧାରଣଙ୍କ ଆସ୍ଥା ସୁଦୃଢ଼ କରିବା, ସୁଶାସନକୁ ପ୍ରୋତ୍ସାହିତ କରିବା ଏବଂ ଦୁର୍ନୀତି ନିବାରଣ କ୍ଷେତ୍ରରେ ସାଧୁତା ଓ ନୈତିକ ଆଚରଣର ଗୁରୁତ୍ୱକୁ ପ୍ରତିଫଳିତ କରେ। ଏହି ଦୁଇଟି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ରେଳ କର୍ମଚାରୀମାନଙ୍କ ମଧ୍ୟରେ ସତର୍କତା ସମ୍ପର୍କିତ ସଚେତନତା ବୃଦ୍ଧି କରିବା ସହ କର୍ତ୍ତବ୍ୟ ସମ୍ପାଦନ ସମୟରେ ନିରପେକ୍ଷତା, ପକ୍ଷପାତହୀନତା ଓ ଦାୟିତ୍ୱବୋଧ ବଜାୟ ରଖିବାକୁ ଉତ୍ସାହିତ କରିବା। ଏହି କାର୍ଯ୍ୟକ୍ରମଗୁଡ଼ିକରେ ବିଭିନ୍ନ ବିଭାଗର ପ୍ରମୁଖ ବିଭାଗମୁଖ୍ୟ, ସତର୍କତା ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଅନ୍ୟ ବରିଷ୍ଠ ରେଳ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। ଏଭଳି ପଦକ୍ଷେପ ମାଧ୍ୟମରେ ପୂର୍ବ ତଟ ରେଳପଥ ରେଳ ପ୍ରଶାସନରେ ସାଧୁତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ସହ ଏକ ନୈତିକ ଓ ଦୁର୍ନୀତିମୁକ୍ତ କାର୍ଯ୍ୟ ପରିବେଶ ଗଠନ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଉଛି।

### ବାତ୍ୟା ସ୍ଥିତିର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

# ପୁନରୁଦ୍ଧାର କାର୍ଯ୍ୟ ଶୀଘ୍ର କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବାତ୍ୟା ଅର୍ଣ୍ଣବର ଓଡ଼ିଶାରେ ପ୍ରଭାବ ସଂପର୍କିତ ସ୍ଥିତି, ଏହାକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତି ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମୀକ୍ଷା କରିଛନ୍ତି। ଏ ସଂପର୍କରେ ଏସଆରସି ରାଜେଶ ପ୍ରଭାକର ପାଟିଲ ମୁଖ୍ୟ ଶାସନ ସଚିବଙ୍କୁ ସବିଶେଷ ଅବଗତ କରାଇଥିଲେ। ଏହି ବୈଠକରେ ବାତ୍ୟା ପୂର୍ବ ପ୍ରସ୍ତୁତି ଏବଂ ଜରୁରୀକାଳୀନ ପଦକ୍ଷେପଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବାତ୍ୟାର ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ସମ୍ଭାବ୍ୟ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ସଂପର୍କରେ ଏସଆରସିଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ସମସ୍ତ ଜିଲ୍ଲା ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟା କାର୍ଯ୍ୟକ୍ଷମ ରହିଥିବା ବେଳେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ପ୍ରଭାବିତ ଅଞ୍ଚଳରେ ସମସ୍ତ ବିଦ୍ୟାଳୟ ଓ ଆଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ୮ଟି ପ୍ରଭାବିତ ଜିଲ୍ଲାରେ ୩୨୪ଟି ସକ୍ରିୟ ଆଶ୍ରୟସ୍ଥଳରେ ୩୧,୨୫୫ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ରାଜ୍ୟରେ ମୋଟ ୨,୦୬୭ଟି ଆଶ୍ରୟସ୍ଥଳ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି। ଚିହ୍ନଟ ହୋଇଥିବା ୪,୧୩୯ ଜଣ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ୨,୨୪୫ ଜଣଙ୍କୁ ନିକଟସ୍ଥ ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ସମୁଦ୍ରରୁ ୧୧,୯୫୫ ଓ ଚିଲିକାରୁ ୭,୧୮୮ ଏହିଭଳି ମୋଟ ୧୯,୧୪୩ଟି ମାଛଧରା ଡଙ୍ଗାକୁ ସୁରକ୍ଷିତ ଭାବେ କୂଳକୁ ଅଣାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ହାରାହାରି ୨୩.୯ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ୧୪ଟି ବ୍ଲକ୍ ଏବଂ ୩ଟି ସହରାଞ୍ଚଳରେ ୧୦୦ ମିମିରୁ ଅଧିକ ବର୍ଷା ହୋଇଛି। ସର୍ବାଧିକ ବର୍ଷା ହୋଇଥିବା ବ୍ଲକ୍: କୋରାପୁଟର ପଟାଙ୍ଗି (୧୮୮.୦ ମିମି), ଗଜପତିର ମୋହନା (୧୮୨.୪ ମିମି), ଗଞ୍ଜାମ ବ୍ଲକ୍ (୧୬୧.୪ ମିମି), ଛତ୍ରପୁର (୧୫୪.୬ ମିମି) ଏବଂ ସିମିଳିଗୁଡ଼ା (୧୪୩.୧ ମିମି)। ଜିଲ୍ଲାଗୁଡିକରେ ହାରାହାରି ବର୍ଷା ମଧ୍ୟରେ ଗଜପତି (୧୨୧.୨ ମିମି), ଗଞ୍ଜାମ (୮୩.୧ ମିମି), କୋରାପୁଟ (୬୧.୦ ମିମି) ଏବଂ ପୁରୀ (୫୪.୨ ମିମି) ରହିଛି। ଏଥିସହିତ ୧,୫୧୦ଟି ପାୱାର ଚେନ୍-ସ', ୨୨୫ଟି ଟୋଇଂ ଟେଣ୍ଡର, ୧୧୦ଟି ଡଙ୍ଗା, ୧୩୫ ଟି ଜଳ ନିଷ୍କାସନ ପମ୍ପ ଓ ୨୨୫ଟି ଟାୱାର ଲାଇଟ୍ ମୁତୟନ ଅଛି।

## ବେଦାନ୍ତ ଆଲୁମିନିୟମର ଦ୍ୱିତୀୟ ତ୍ରୈମାସିକ ୬,୧୮୭ କୋଟି ଟଙ୍କା ଲାଭ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ମେଟାଲ ଲିମିଟେଡ୍ (ବିଏସ୍‌ଇ: ୫୪୪୭୮୦ ଏବଂ ଏନ୍‌ଏସ୍‌ଇ: ଭିଏଏମ୍‌ଏଲ୍) ୩୦ ସେପ୍ଟେମ୍ବର ୨୦୨୬ରେ ଶେଷ ହୋଇଥିବା ଦ୍ୱିତୀୟ ତ୍ରୈମାସିକ ଓ ପ୍ରଥମ ଅର୍ଦ୍ଧବାର୍ଷିକର ଅଡିଟ୍ ହୋଇନଥିବା ଆର୍ଥିକ ଫଳାଫଳ ଘୋଷଣା କରିଛି। ଏହି ଅବଧିରେ କମ୍ପାନୀ ଦୃଢ଼ ଆର୍ଥିକ ପ୍ରଦର୍ଶନ ସହ ଉତ୍ପାଦନ କ୍ଷେତ୍ରରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ସର୍ବାଧିକ ଉତ୍ପାଦନ, ଉନ୍ନତ ଉତ୍ପାଦନ ଖର୍ଚ୍ଚ ପ୍ରତିଯୋଗିତା ଏବଂ ରଣନୈତିକ ସମନ୍ୱୟ କ୍ଷେତ୍ରରେ ନିରନ୍ତର ଅଗ୍ରଗତି ଏହି ସଫଳତାର ମୁଖ୍ୟ ଆଧାର ହୋଇଛି। କମ୍ପାନୀର ରାଜସ୍ୱ ବାର୍ଷିକ ଭିତ୍ତିରେ ୪୧% ବୃଦ୍ଧି ପାଇ ୨୨,୦୬୬ କୋଟି ଟଙ୍କାରେ ପହଞ୍ଚିଛି। ଅଧିକ ବିକ୍ରୟ ପରିମାଣ ଏବଂ ଉନ୍ନତ ବଜାରଜାତକରଣ ମିଶ୍ରଣ ଏହି ଅଭିବୃଦ୍ଧିରେ ସହାୟକ ହୋଇଛି। ଏହି ସମୟରେ ଇବିଆଇଟିଡିଏ ୮୩% ବୃଦ୍ଧି ପାଇ ୧୦,୧୯୨ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ଇବିଆଇଟିଡିଏ ମାର୍ଜିନ୍ ପ୍ରାୟ ୪୬% ରହିଛି। ସେହିପରି ଟିକସ ପରବର୍ତ୍ତୀ ଲାଭ (ପିଏଟି) ୧୦୫% ବୃଦ୍ଧି ସହ ଦୁଇଗୁଣରୁ ଅଧିକ ହୋଇ ୬,୧୮୭ କୋଟି ଟଙ୍କାରେ ପହଞ୍ଚିଛି। ତ୍ରୈମାସିକ ମଧ୍ୟରେ ବେଦାନ୍ତ ଆଲୁମିନିୟମ ନିଜର ଆର୍ଥିକ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ପୂର୍ବ ତ୍ରୈମାସିକ ତୁଳନାରେ କମ୍ପାନୀର ନିଟ୍ ଋଣ ୩,୦୯୦ କୋଟି ଟଙ୍କା ହ୍ରାସ ପାଇଛି। ଫଳରେ ନିଟ୍ ଋଣ ଓ ଇବିଆଇଟିଡିଏ ଅନୁପାତ ପ୍ରଥମ ତ୍ରୈମାସିକର ୦.୯ ଗୁଣରୁ ହ୍ରାସ ପାଇ ୦.୭ ଗୁଣରେ ପହଞ୍ଚିଛି। ଏଥିସହ ଇଣ୍ଡିଆ ରେଟିଂସ୍ କମ୍ପାନୀର କ୍ରେଡିଟ୍ ରେଟିଂକୁ 'ଏଏ+ (ସ୍ଥିର)'କୁ ଉନ୍ନୀତ କରିଛି। ଆଇସିଆରଏ ଓ କ୍ରିସିଲ୍ ମଧ୍ୟ କମ୍ପାନୀର ରେଟିଂକୁ ପୁନଃନିଶ୍ଚିତ କରିଛନ୍ତି। ଉତ୍ପାଦନ କ୍ଷେତ୍ରରେ କମ୍ପାନୀ ନୂତନ ରେକର୍ଡ ସ୍ଥାପନ କରିଛି। ତ୍ରୈମାସିକ ଆଲୁମିନିୟମ ଉତ୍ପାଦନ ୬୪୯ କିଲୋଟନ୍‌ରେ ପହଞ୍ଚିଛି, ଯାହା ପୂର୍ବବର୍ଷର ସମାନ ଅବଧି ତୁଳନାରେ ୫% ଏବଂ ପୂର୍ବ ତ୍ରୈମାସିକ ତୁଳନାରେ ୩% ଅଧିକ। ମୂଲ୍ୟବର୍ଦ୍ଧିତ ଆଲୁମିନିୟମ ଉତ୍ପାଦନ ମଧ୍ୟ ୩୧% ବୃଦ୍ଧି ପାଇ ରେକର୍ଡ ୪୩୨ କିଲୋଟନ୍‌ରେ ପହଞ୍ଚିଛି। ସେହିପରି ଆଲୁମିନା ଉତ୍ପାଦନ ୩୭% ବୃଦ୍ଧି ସହ ୮୯୫ କିଲୋଟନ୍ର ନୂତନ ତ୍ରୈମାସିକ ସର୍ବୋଚ୍ଚ ସ୍ତର ହାସଲ କରିଛି।

## ଏସ୍‌ବିଆଇ ପକ୍ଷରୁ ୱାକାଥନ୍ ଆୟୋଜିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସତର୍କତା ସଚେତନତା ସପ୍ତାହ-୨୦୨୬ ଅବସରରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ), ପ୍ରଶାସନିକ କାର୍ଯ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ଗତ ସୋମବାର ସକାଳେ ଏକ ୱାକାଥନ୍ (ପଦଯାତ୍ରା) ଆୟୋଜିତ ହୋଇଯାଇଛି। ସତ୍ୟନିଷ୍ଠା ହି ସମୃଦ୍ଧିର ମୂଳମନ୍ତ୍ର ବିଷୟବସ୍ତୁ (ଥିମ୍) କୁ ନେଇ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ଲାକାର୍ଡ ପ୍ରଦର୍ଶନ ମାଧ୍ୟମରେ ସାର୍ବଜନୀନ ଜୀବନରେ ସାଧୁତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ନୈତିକ ଆଚରଣର ମହତ୍ତ୍ୱ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି ୱାକାଥନରେ ଏସବିଆଇର ମୁଖ୍ୟ ମହାପ୍ରବନ୍ଧକ ରାକେଶ କୁମାର ଯାଦବ, ସତର୍କତା ମହାପ୍ରବନ୍ଧକ ସନ୍ଦୀପ ବି. ମୁନ୍, ଡିଜିଏମ୍ ୱାଇ. ସତ୍ୟନାରାୟଣଙ୍କ ସମେତ ବ୍ୟାଙ୍କର ବହୁ ସଂଖ୍ୟକ କର୍ମଚାରୀ ଉତ୍ସାହର ସହିତ ସାମିଲ ହୋଇ ରାଜମହଲ ଛକରୁ ମାଷ୍ଟର କ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଏହି ଅବସରରେ ସମସ୍ତେ ନିଜର ବ୍ୟବସାୟିକ ଏବଂ ବ୍ୟକ୍ତିଗତ ଜୀବନରେ ଉଚ୍ଚ ସ୍ତରର ନୈତିକ ମୂଲ୍ୟବୋଧ ଓ ସାଧୁତା ବଜାୟ ରଖିବା ପାଇଁ ଶପଥ ଗ୍ରହଣ କରିଥିଲେ।

## ଆଲୁମିନିୟମ ପକ୍ଷରୁ ପ୍ରକଳ୍ପ ଉନ୍ନତି ଅଧୀନରେ "ଭେଜିଟେବଲ୍ସ ଅନ୍ ହ୍ୱିଲ୍ସ" ଶୁଭାରମ୍ଭ



**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ତାର ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ଅଧୀନରେ ରେଙ୍ଗାଲି ବ୍ଲକ୍‌ର ୬ଟି ଗ୍ରାମ ପଞ୍ଚାୟତରେ (ଘିଚାମୁରା, ଲପଙ୍ଗା, ବୋମାଲୋଇ, ଜଙ୍ଗଲା, କତରବଗା, ନିଶାନଭଙ୍ଗା) ବିଭିନ୍ନ ଗୋଷ୍ଠୀ ବିକାଶମୂଳକ କାର୍ଯ୍ୟକ୍ରମ ରୂପାୟନ କରାଯାଉଛି। ଏହା ଅଧୀନରେ କୃଷିର ବିକାଶ ଏବଂ କୃଷକମାନଙ୍କ ଜୀବିକା ଓ ଆୟ ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହି ଉଦ୍ଦେଶ୍ୟରେ ପ୍ରକଳ୍ପ 'ଉନ୍ନତି' ଅଧୀନରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପଦକ୍ଷେପର ଏକ ଅଂଶ ଭାବେ ଆଦିତ୍ୟ ଆଲୁମିନିୟମ ପ୍ଲାଣ୍ଟ ଟାଉନସିପ୍‌ଠାରେ "ଭେଜିଟେବଲ୍ସ ଅନ୍ ହ୍ୱିଲ୍ସ" (ଗାଡ଼ିରେ ପରିବା ଯୋଗାଣ) କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। କତାରବଗା ଗ୍ରାମ ପଞ୍ଚାୟତର ବନ୍ଧାଟିକ୍ରା ଗ୍ରାମସ୍ଥିତ 'ସମୃଦ୍ଧି ପନିପରିବା ଉତ୍ପାଦନକାରୀ ଗୋଷ୍ଠୀ' ଏହି ପଦକ୍ଷେପର ମୁଖ୍ୟ ଅଂଶୀଦାର। "ଚାଷ ଜମିରୁ ଆପଣଙ୍କ ଘରକୁ ତାଜା ପନିପରିବା" ବାର୍ତ୍ତାକୁ ନେଇ ଆରମ୍ଭ ହୋଇଥିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୃଷକ ଗୋଷ୍ଠୀକୁ ସୁଦୃଢ଼ କରିବା ସହ ସେମାନଙ୍କ ଉତ୍ପାଦିତ ପନିପରିବାର ସିଧାସଳଖ ବିକ୍ରୟ ପାଇଁ ଏକ ସୁବିଧାଜନକ ବଜାର ବ୍ୟବସ୍ଥା ସୃଷ୍ଟି କରିବା। ଏହା ଦ୍ୱାରା ପ୍ଲାଣ୍ଟ ଟାଉନସିପ୍ ଓ ନିକଟବର୍ତ୍ତୀ ଅଞ୍ଚଳର ବାସିନ୍ଦାମାନେ ସୁଲଭ ମୂଲ୍ୟରେ ନିୟମିତ ଭାବେ ତାଜା, ଋତୁକାଳୀନ ଏବଂ ଅଣଋତୁକାଳୀନ ପନିପରିବା ପାଇପାରିବେ। ଏହି ପଦକ୍ଷେପ ସ୍ଥାନୀୟ କୃଷିଜାତ ଉତ୍ପାଦର ପ୍ରଚାର ଓ ପ୍ରସାର, କୃଷକମାନଙ୍କ ପାଇଁ ବଜାର ସୁବିଧା ବୃଦ୍ଧି, ଆୟର ନୂତନ ସୁଯୋଗ ସୃଷ୍ଟି ଏବଂ ଗ୍ରାହକମାନଙ୍କୁ ନିଜ ଘର ନିକଟରେ ତାଜା ଓ ସ୍ୱାସ୍ଥ୍ୟକର ପନିପରିବା ଯୋଗାଇଦେବାରେ ସହାୟକ ହେବ। ଏହି ପ୍ରୟାସ ମାଧ୍ୟମରେ ପ୍ରୋଜେକ୍ଟ ଉନ୍ନତି କୃଷକ ଓ ଗ୍ରାହକଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବା ସହ ସ୍ଥାୟୀ କୃଷିଭିତ୍ତିକ ଜୀବିକାର ବିକାଶ, କୃଷକମାନଙ୍କ ସଶକ୍ତୀ କରଣ ଏବଂ ସ୍ଥାନୀୟ ସ୍ତରରେ ଏକ ସୁଦୃଢ଼ ଓ କୃଷକ କୈନ୍ଦ୍ରିକ ବଜାର ବ୍ୟବସ୍ଥା ଗଠନ ଦିଗରେ ନିରନ୍ତର ପ୍ରୟାସ ଜାରି ରଖିଛି। ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ଦ୍ୱାରା ନିଆଯାଇଥିବା ଏଭଳି ପ୍ରୟସକୁ ସ୍ଥାନୀୟ କୃଷକ ମାନଙ୍କ ମଧ୍ୟରେ ଏକ ଖୁସି ସୃଷ୍ଟି କରିବା ସହିତ ବହୁତ ପ୍ରଶଂସା କରୁଥିଲେ।

## ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ସରକାରଙ୍କୁ କଂଗ୍ରେସର ନିବେଦନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସାମୁଦ୍ରିକ ଝଡ଼ ଅର୍ଣ୍ଣବ ର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି ଓ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ନିବେଦନ କରିଛି। ପିସିସି ସଭାପତି ଭକ୍ତ ଦାସ କହିଛନ୍ତି ଯେ ସମ୍ଭାବ୍ୟ ବାତ୍ୟାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା, ପବନ ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ଆଶଙ୍କା ରହିଛି। ଏଭଳି ପରିସ୍ଥିତିରେ ଲୋକଙ୍କ ଧନଜୀବନ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବା ଆବଶ୍ୟକ। ବିଶେଷକରି ବିପଦସଙ୍କୁଳ ଅଂଚଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ଆଶ୍ରୟସ୍ଥଳୀରେ ଆବଶ୍ୟକ ବ୍ୟବସ୍ଥା, ଖାଦ୍ୟ ଓ ପାନୀୟ ଜଳ ଯୋଗାଣ, ଚିକିତ୍ସା ସେବା ଏବଂ ଜରୁରୀକାଳୀନ ଉଦ୍ଧାର କାର୍ଯ୍ୟକୁ ସୁନିଶ୍ଚିତ କରିବା ଉପରେ କଂଗ୍ରେସ ଗୁରୁତ୍ୱାରୋପ କରିଛି। ଏଥିସହିତ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗଗୁଡ଼ିକୁ ସଜାଗ ରଖିବା ସହ ଆବଶ୍ୟକୀୟ ରିଲିଫ୍ ସାମଗ୍ରୀ ମହଜୁଦ ରଖିବାକୁ ଦଳ ପରାମର୍ଶ ଦେଇଛି। ସମ୍ଭାବ୍ୟ ବିପର୍ଯ୍ୟୟରେ ଯେପରି କୌଣସି ଜୀବନହାନି ନ ହୁଏ ଏବଂ ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ମିଳେ, ସେଥିପାଇଁ ସରକାର ଓ ପ୍ରଶାସନ ପ୍ରସ୍ତୁତ ରହିବାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ନିବେଦନ କରିଛି।

## ରାଜ୍ୟପାଳଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କଲେ ସ୍କାଉଟସ୍ ଏବଂ ଗାଇଡସ୍‌ର ପ୍ରତିନିଧି ମଣ୍ଡଳୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରା**

ମଙ୍ଗଳବାର ମଧ୍ୟାହ୍ନରେ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ଏକ ପ୍ରତିନିଧି ମଣ୍ଡଳୀ ଓଡିଶାର ମାନ୍ୟବର ରାଜ୍ୟପାଳ ଭାବେ ଦାୟିତ୍ୱ ନେଇଥିବା ବ୍ରଜମୋହନ ରାମଙ୍କ ସହିତ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟଙ୍କ ନେତୃତ୍ୱରେ ଯୋଗଦେଇଥିବା ମଣ୍ଡଳୀ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସର ମୁଖ୍ୟ ପୃଷ୍ଠପୋଷକ ତଥା ରାଜ୍ୟପାଳଙ୍କୁ ରାଜ୍ୟ ସ୍କାଉଟିଂର ସଫଳତା ସହିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଅବଗତ କରାଇଥିଲେ। ମାନ୍ୟବର ରାଜ୍ୟପାଳ କାର୍ଯ୍ୟକ୍ରମ ବିଷୟରେ ଜାଣି ଖୁସି ବ୍ୟକ୍ତ କରିବା ସହିତ ଏହି କାର୍ଯ୍ୟକ୍ରମ କିପରି ଅଧିକରୁ ଅଧିକ ହୋଇପାରିବ ସେଥିନିମନ୍ତେ ଉତ୍ସାହିତ କରିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-300-W

**କାର୍ଯ୍ୟର ନାମ:** 'ଭାରୀ ମରାମତି କାରଖାନା (ହେଭି ରିପେୟାର୍ ସପ୍)ର ବିକାଶ ଏବଂ ସମ୍ବଲପୁର କୋଚିଂ ଡିପୋର କ୍ଷମତା ବୃଦ୍ଧି' ସମ୍ବନ୍ଧୀୟ ବୈଦ୍ୟୁତିକ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 20,66,941.20, EMD : ₹ 41,300/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 06 (ଛଅ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.13.11.2026 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-512/R/26-27

ଭୁବନେଶ୍ୱର, ୨୯ ଅକ୍ଟୋବର, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

## ଭାରତକୁ ଏକ ବିଶ୍ୱ କଣ୍ଟେନର ଉତ୍ପାଦନ ହବ୍ କରିବା ପାଇଁ

# ୧୦ ହଜାର କୋଟି ଟଙ୍କାର ଯୋଜନାକୁ କ୍ୟାବିନେଟରେ ଅନୁମୋଦନ

**ନୂଆଦିଲ୍ଲୀ, ୨୮/୧୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୁଧବାର କଣ୍ଟେନର ଉତ୍ପାଦନ ପ୍ରୋତ୍ସାହନ ଯୋଜନାକୁ ଅନୁମୋଦନ କରିଛନ୍ତି। ଯାହା ଭାରତରେ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କଣ୍ଟେନର ଉତ୍ପାଦନ ଇକୋସିଷ୍ଟମ ଗଠନ ପାଇଁ କେନ୍ଦ୍ର ବଜେଟ୍ ୨୦୨୬-୨୭ରେ ଘୋଷଣା କରାଯାଇଥିବା ୧୦,୦୦୦ କୋଟି ଟଙ୍କାର ଏକ କାର୍ଯ୍ୟକ୍ରମ ହୋଇଛି। ଏହି ଯୋଜନା ୨୦୨୭-୨୮ ଆର୍ଥିକ ବର୍ଷରୁ ୨୦୩୯-୪୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଚାଲିବ। ଯେଉଁଥିରେ ସୁବିଧା ସ୍ଥାପନ ପାଇଁ ତିନି ବର୍ଷ ଏବଂ ଦଶ ବର୍ଷ ଉତ୍ପାଦନ ସହାୟତା ରହିବ। ଏହି ଯୋଜନା ନୂତନ କାରଖାନାଗୁଡ଼ିକୁ ସମର୍ଥନ କରିବ ଏବଂ ବିଦ୍ୟମାନ ୟୁନିଟ୍‌ଗୁଡ଼ିକର ସମ୍ପ୍ରସାରଣକୁ ମଧ୍ୟ ସମର୍ଥନ କରିବ। ଏହା ଭାରତର ବାର୍ଷିକ କଣ୍ଟେନର ଉତ୍ପାଦନ କ୍ଷମତାକୁ ପ୍ରାୟ ଦଶ ଗୁଣା ବୃଦ୍ଧି କରି ୭.୫ ଲକ୍ଷ ଟିଇୟୁ କରିବାକୁ ଲକ୍ଷ୍ୟ ରଖିଛି, ଯାହା ଆଜି ପ୍ରାୟ ୭୦,୦୦୦ ଟିଇୟୁ ଅଟେ। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଦେଶରେ କଣ୍ଟେନର ଉତ୍ପାଦନରେ ମେକ୍ ଇନ୍ ଇଣ୍ଡିଆକୁ ଉତ୍ସାହିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇ ଏହି ଘୋଷଣାକୁ ସ୍ୱାଗତ କରିଛନ୍ତି। ଶ୍ରୀ ସନୋୱାଲ କହିଛନ୍ତି ଯେ 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ପାଇଁ ମୁଁ ତାଙ୍କପ୍ରତି ହୃଦୟର ସହ କୃତଜ୍ଞତା ପ୍ରକାଶ କରୁଛି। ତାଙ୍କର ମେକ୍ ଇନ୍ ଇଣ୍ଡିଆ ପ୍ରୟାସ ଆମର କଣ୍ଟେନର ନିର୍ମାତାମାନଙ୍କୁ ବ୍ୟାପକ ପରିମାଣରେ ନିର୍ମାଣ କରିବା ପାଇଁ ଆତ୍ମବିଶ୍ୱାସ ଦେଉଛି। ଏହି ଯୋଜନା ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଏକ ଦୃଢ଼ ପଦକ୍ଷେପ କରିବ। ଭାରତର ବାଣିଜ୍ୟ କଣ୍ଟେନର ଉପରେ ନିର୍ଭର କରେ, କିନ୍ତୁ ପ୍ରାୟ ସମସ୍ତ କଣ୍ଟେନର ବିଦେଶରେ ତିଆରି ହୁଏ। ସାମୁଦ୍ରିକ ଅମୃତ କାଳ ଦୃଷ୍ଟିକୋଣ ଅଧୀନରେ ଭାରତର କଣ୍ଟେନର ଟ୍ରାଫିକ ୨୦୨୪ରେ ପ୍ରାୟ ୨୪ ନିୟୁତ ଟିଇୟୁସ୍‌ରୁ ୨୦୪୭ ସୁଦ୍ଧା ୧୭୫ ନିୟୁତ ଟିଇୟୁସ୍ କୁ ବୃଦ୍ଧି ପାଇବାର ଆକଳନ କରାଯାଇଛି, ଯାହା ଘରୋଇ ଉତ୍ପାଦନ କ୍ଷମତାକୁ ଗୁରୁତ୍ୱପୂର୍ଣ୍ଣ କରିଥାଏ।

କଣ୍ଟେନରଗୁଡ଼ିକ ଆମ ବାଣିଜ୍ୟର ମେରୁଦଣ୍ଡ। ଭାରତରେ ସେଗୁଡ଼ିକୁ ତିଆରି କରି ଆମେ ସାମୁଦ୍ରିକ ଲଜିଷ୍ଟିକ୍ସ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରୁ ଯାହା ଉପରେ ଆମର ବନ୍ଦର, ଆମର ରପ୍ତାନିକାରୀ ଏବଂ ଆମର ଜାହାଜ ଚଳାଚଳ ଉପରେ ନିର୍ଭର କରେ। ଆମେ ଏକ ଆତ୍ମନିର୍ଭରଶୀଳ ଭାରତ ଓ ସାମୁଦ୍ରିକ ଅମୃତ କାଳ ଦୃଷ୍ଟିକୋଣ ୨୦୪୭ର ଲକ୍ଷ୍ୟ ଆଡ଼କୁ ଆଉ ଏକ ପଦକ୍ଷେପ ନେବାକୁ ଯାଉଛୁ ବୋଲି ସେ କହିଥିଲେ।



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏସ୍‌ଆରସିଙ୍କ କାର୍ଯ୍ୟାଳୟରେ ବାତ୍ୟା 'ଅର୍ଣ୍ଣବ୍'ର ସମୀକ୍ଷା କରିବା ସହିତ କୋରାପୁଟ, ଗଜପତି ଓ ମାଲକାନଗିରି ଜିଲ୍ଲାରେ ବାତ୍ୟା ମୁକାବିଲା ତଦାରଖ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ବାତ୍ୟା ସ୍ଥିତି, କ୍ଷୟକ୍ଷତି ଓ ରିଲିଫ୍ କାର୍ଯ୍ୟ ସମ୍ପର୍କରେ ଟେଲିଫୋନ ଯୋଗେ ପଚାରି ବୁଝୁଛନ୍ତି । (ଫଟୋ : ସମ୍ବାଦ କଳିକା)




ହଠାତ ଦେଖିଲେ ଆପଣ ଭାବିବେ ଏହା ଏକ ବିମାନବନ୍ଦର । ମାତ୍ର ସତ ହେଉଛି ଆଉ କିଛି। ଏହା କୌଣସି ବିମାନ ବନ୍ଦର ନୁହେଁ। ଏହା ଆମ ରାଜଧାନୀ ଭୁବନେଶ୍ୱରର ରେଳ ଷ୍ଟେସନର ସମ୍ଭାବ୍ୟ ରୂପରେଖ। ଯାହାର ରୂପାନ୍ତର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପ୍ରକଳ୍ପରେ ୩୯୮କୋଟି ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି। ଏହା ଅତ୍ୟନ୍ତ ଆଧୁନିକ ଡିଜାଇନ୍‌ରେ ନିର୍ମିତ, ଏଠାରେ ବିଶ୍ୱସ୍ତରୀୟ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ହେବ। ଓଡ଼ିଶାରେ ଏପରି ଏକ ରେଳ ଷ୍ଟେସନ ନିର୍ମିତ ହେଉଥିବା ନେଇ ଆମେ ସମସ୍ତେ ଗର୍ବିତ ହେବା ଉଚିତ। (ଫଟୋ : ସମ୍ବାଦ କଳିକା)

# କିଟ୍ ଓ ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ର ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ୨୮।୧୦**
**ନ୍ୟୁଜ ବ୍ୟୁରୋ**

କଳା, ସଂସ୍କୃତି ଓ ସ୍ଥାପତ୍ୟ କ୍ଷେତ୍ରରେ ଅଧ୍ୟୟନ ଏବଂ ଗବେଷଣାକୁ ସୁଦୃଢ଼ କରିବା ସହ ଭାରତୀୟ ଇତିହାସ ସମ୍ବନ୍ଧୀୟ ପୁରାତନ ଦସ୍ତାବିଜର ଡିଜିଟାଇଜେସନ୍‌କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଂସ୍ଥା ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ର (ଆଇଜିଏନ୍‌ସିଏ) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ବୁଧବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଆଇଜିଏନ୍‌ସିଏ ପକ୍ଷରୁ ସଦସ୍ୟ ସଚିବ ଡ. ସଚ୍ଚିଦାନନ୍ଦ ଯୋଶୀ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ୍ ସିଂହ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।



ଏହି ବୁଝାମଣା ଉପରେ ଡ. ଯୋଶୀ ସନ୍ତୋଷ ବ୍ୟକ୍ତ କରିବା ସହ ଶିକ୍ଷା ଓ ସାଂସ୍କୃତିକ କାର୍ଯ୍ୟକଳାପ କ୍ଷେତ୍ରରେ କିଟ୍‌ର ଅବଦାନକୁ ପ୍ରଶଂସା କରିଥିଲେ। ସେ କହିଲେ, କିଟ୍ ଭାରତର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ହୋଇଥିବାରୁ ଏହି ପଦକ୍ଷେପ କଳା, ସଂସ୍କୃତି ଓ ଏହା ସହିତ ସଂପୃକ୍ତ ବିଷୟଗୁଡ଼ିକରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ବିଶେଷ ଉପକାରୀ ହେବ। ଓଡ଼ିଶା ନିଜର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପାଇଁ ପରିଚିତ। ଏହି ସହଯୋଗ ମାଧ୍ୟମରେ ଐତିହ୍ୟର ଡକୁମେଣ୍ଟେସନ କ୍ଷେତ୍ରରେ ନୂତନ ପ୍ରକଳ୍ପ ହାତକୁ ନିଆଯାଇପାରିବ। ଶିକ୍ଷା ସହିତ କଳା ଓ ସଂସ୍କୃତି କ୍ଷେତ୍ରରେ ଡ. ସାମନ୍ତଙ୍କ ନିଷ୍ଠା ଓ ଅବଦାନ ପାଇଁ ମଧ୍ୟ ସେ କୃତଜ୍ଞତା ଜଣାଇଥିଲେ।

କିଟ୍‌ର ବରିଷ୍ଠ ମହାନିର୍ଦ୍ଦେଶକ ପ୍ରଫେସର ଏସ ଏସ ରାୟ କହିଲେ, କଳା ଓ ସାଂସ୍କୃତିକ ଅଧ୍ୟୟନ କ୍ଷେତ୍ରରେ ଏହା ଏକ ଐତିହାସିକ ପଦକ୍ଷେପ। ଏହି ସହଯୋଗ ଦ୍ୱାରା ଦୁଇଟି ପ୍ରତିଷ୍ଠିତ ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ମଧ୍ୟରେ ଜ୍ଞାନର ଆଦାନପ୍ରଦାନ, ଗବେଷଣା ଓ ଶିକ୍ଷାଗତ କାର୍ଯ୍ୟକ୍ରମ ପାଇଁ ନୂତନ ସୁଯୋଗ ସୃଷ୍ଟି ହେବ।

ଏହି ଅବସରରେ ଡ. ଯୋଶୀ ନିଜ ରଚିତ ପୁସ୍ତକ 'ଦ କଲଚରାଲ୍ ରେନେସାଁ'ର ଏକ କପି ଡ. ସାମନ୍ତଙ୍କୁ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ, ଏହି ବୁଝାମଣା ଦୁଇ ଅନୁଷ୍ଠାନ ମଧ୍ୟରେ ଆନୁଷ୍ଠାନିକ ସଂପର୍କକୁ ଆହୁରି ମଜବୁତ କରିବା ସହ ଉଚ୍ଚଶିକ୍ଷା ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧି କରିବ। ଏହାଦ୍ୱାରା ଗବେଷଣାର ପ୍ରସାର, ଭାରତର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ କଳା ଓ ସଂସ୍କୃତି କ୍ଷେତ୍ରରେ ନୂତନ ଶିକ୍ଷାଗତ ସୁଯୋଗ ସୃଷ୍ଟି ହୋଇପାରିବ। ଏହି ସହଯୋଗ ଅଧୀନରେ ମିଳିତ ଶିକ୍ଷାଗତ କାର୍ଯ୍ୟକ୍ରମ, ଗବେଷଣା ପ୍ରକଳ୍ପ ଏବଂ ଐତିହାସିକ ଦସ୍ତାବିଜର ଡିଜିଟାଇଜେସନ୍ ସମେତ ବିଭିନ୍ନ ପଦକ୍ଷେପ ହାତକୁ ନିଆଯିବ। ଏହି ପ୍ରୟାସ ଭାରତର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ, ଦଲିଲୀକରଣ ଓ ବ୍ୟାପକ ପ୍ରସାରରେ ସହାୟକ ହେବ ବୋଲି ଆଶା କରାଯାଉଛି। କାର୍ଯ୍ୟକ୍ରମରେ ଆଇଜିଏନ୍‌ସିଏ ପକ୍ଷରୁ ଡ. ଅଭୟ ମିଶ୍ର ଓ ଶଙ୍କରଜିତ୍ ଦେ, କିଟ୍‌ର ଉପକୁଳପତି ପ୍ରଫେସର ଦେବାଶିଷ ବନ୍ଦ୍ୟୋପାଧ୍ୟାୟ ଓ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଏବଂ କିଟ୍ ଆର୍ଟ ଏକାଡେମୀର ମହାନିର୍ଦ୍ଦେଶକ ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ତିନି ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ନିଲମ୍ବିତ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୮/୧୦ ନ୍ୟୁଜ ବ୍ୟୁରୋ**

ବିଶୃଙ୍ଖଳିତ ଆଚରଣ ପାଇଁ ଯାଜପୁର ସରକାରୀ ପଲିଟେକ୍‌ନିକ୍‌ରେ କାର୍ଯ୍ୟରତ ତିନି ଜଣ ଅଧ୍ୟାପକ, ଅଧ୍ୟାପିକାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ନିଲମ୍ବିତ କରାଯାଇଛି। ସେହିମାନେ ହେଲେ ବରିଷ୍ଠ ଅଧ୍ୟାପକ ନୃସିଂହ ଚରଣ ବେହେରା, ଅଧ୍ୟାପକ ସନ୍ଦୀପ ମହାପାତ୍ର ଏବଂ ଅଧ୍ୟାପିକା ପି. ଆରାଧନା। ଅଭିଯୋଗ ଅନୁଯାୟୀ ଅକ୍ଟୋବର ୨୬ ତାରିଖରେ ଏକ ବୈଠକରେ ଏବଂ ପରବର୍ତ୍ତୀ ସମୟରେ ଏହି ଅଧ୍ୟାପକମାନେ ନିଜ ନିଜ ଭିତରେ ଯୁକ୍ତିତର୍କ, ମାରପିଟ ଏବଂ ଅନ୍ୟାନ୍ୟ ମର୍ଯ୍ୟାଦାହୀନ କାର୍ଯ୍ୟରେ ସଂପୃକ୍ତ ହୋଇଥିଲେ। ଅଧ୍ୟାପନା ଭଳି ଏକ ମର୍ଯ୍ୟାଦାଜନକ ବୃତ୍ତିରେ ଥାଇ ମଧ୍ୟ ବୈଠକରେ ଏବଂ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଏଭଳି ମର୍ଯ୍ୟାଦାବିହୀନ କାର୍ଯ୍ୟରେ ଜଡ଼ିତ ହେବା ଦ୍ୱାରା ସେମାନେ ଶିକ୍ଷାନୁଷ୍ଠାନର ଭାବମୂର୍ତ୍ତୀ ଉପରେ ଆଞ୍ଚ ଆଣିବା ସହିତ ସମଗ୍ର ଅନୁଷ୍ଠାନର ଶୈକ୍ଷିକ ପରିବେଶ ଉପରେ ଗୁରୁତର ପ୍ରତିକୂଳ ପ୍ରଭାବ ପକାଇଛନ୍ତି। ସେଥିପାଇଁ ମୁଖ୍ୟମନ୍ତ୍ରୀ ଏହି ତିନି ଜଣ ଅଧ୍ୟାପକଙ୍କୁ ନିଲମ୍ବିତ କରିବା ସହିତ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୨୮/୧୦/୨୦୨୬
୨,୭୫,୬୮୦/-ଟଙ୍କା
ସୁନା:- ଶୂନ୍ୟ
ରୂପା:- ୦୦ ଗ୍ରାମ୍ ୨୫୦ ମିଲିଗ୍ରାମ୍



**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

### ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥାର ଅଗ୍ରଗତି ସମୀକ୍ଷା କଲେ ଆଇନ ମନ୍ତ୍ରୀ

# ଭକ୍ତଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ

**ପୁରୀ, ୨୮।୧୦ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନଙ୍କ ସୁବିଧା, ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ ଦିଆଯାଉଛି। ପୁରୀ ଶ୍ରୀମନ୍ଦିରରେ ଓବିସିସି ପକ୍ଷରୁ ନିର୍ମାଣାଧୀନ ସ୍ୱତନ୍ତ୍ର ଧାଡ଼ି ଦର୍ଶନ ବ୍ୟବସ୍ଥାର ଅଗ୍ରଗତି ସମୀକ୍ଷା କରିଛନ୍ତି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ନିର୍ମାଣ କାର୍ଯ୍ୟସ୍ଥଳ ପରିଦର୍ଶନ କରିବା ସହ ଭିତ୍ତିଭୂମି ଓ ବ୍ୟାରିକେଡ୍ ନିର୍ମାଣ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ। କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଚ୍ଚ ଗୁଣବତ୍ତା ଓ ଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କ ସହ ଆଲୋଚନା କରି ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ।



ଶ୍ରୀମନ୍ଦିରକୁ ଆସୁଥିବା ପ୍ରତ୍ୟେକ ଭକ୍ତ ଯେପରି ସୁଗମ, ସୁବ୍ୟବସ୍ଥିତ ଓ ସୁରକ୍ଷିତ ଭାବେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ, ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିରନ୍ତର ପ୍ରୟାସ ଜାରି ରହିଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

# ଯୁକ୍ତ ୩ ନାମଲେଖା ଫି ଫେରସ୍ତ

**ଭୁବନେଶ୍ୱର, ୨୮/୧୦ ନ୍ୟୁଜ ବ୍ୟୁରୋ**

ଯୁକ୍ତ ତିନି (+୩) ପ୍ରଥମ ପର୍ଯ୍ୟାୟ ନାମଲେଖା ସମୟରେ ଦାଖଲ କରାଯାଇଥିବା ନାମଲେଖା ଫି' ଛାତ୍ରଛାତ୍ରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଫେରସ୍ତ କରାଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ୍ସ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ ନିଜ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରନ୍ତୁ। କମନ୍ ଆପ୍ଲିକେସନ୍ ଫର୍ମରେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇଛି କି ନାହିଁ ଦୟାକରି ଯାଞ୍ଚ କରନ୍ତୁ। ଯଦି ଟଙ୍କା ଫେରସ୍ତ ପାଇନାହାନ୍ତି। ତ୍ରୁଟିପୂର୍ଣ୍ଣ ବ୍ୟାଙ୍କ ଖାତା ବିବରଣୀ କିମ୍ବା ଟ୍ରାଞ୍ଜାକସନ ଫେଲ୍ ଯୋଗୁଁ ଯଦି ଆପଣଙ୍କ ଖାତାରେ ଫେରସ୍ତ ଟଙ୍କା ଜମା ହୋଇନଥାଏ, ତେବେ ସଠିକ୍ ବିବରଣୀ ପ୍ରଦାନ କରିବା ଏବଂ ଫେରସ୍ତ ପ୍ରକ୍ରିୟାକୁ ସହଜ କରିବା ପାଇଁ ସାମସ୍ ଷ୍ଟୁଡେଣ୍ଟ ଲଗ୍ ଇନ୍‌ରେ ଶୀଘ୍ର ଏକ ସ୍ୱତନ୍ତ୍ର ଲିଙ୍କ୍ ଉପଲବ୍ଧ ହେବ। ଅଧିକ ସୂଚନା ଏବଂ ଅପଡେଟ୍ ପାଇଁ ଦୟାକରି ସାମସ୍ ଓଡ଼ିଶାର ଅଫିସିଆଲ୍ ପୋର୍ଟାଲ୍ ପରିଦର୍ଶନ କରିବାକୁ ସେ ପରାମର୍ଶ ଦେଇଛନ୍ତି।




## ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଶ୍ରୀମନ୍ଦିର ନୀଳଚକ୍ର ବାନାରେ ପଡିଲା ଶୂନ୍ୟଗଣ୍ଠି



**ପୁରୀ,୨୮।୧୦ ନ୍ୟୁଜ ବ୍ୟୁରୋ**

ବାତ୍ୟା ଅର୍ଣ୍ଣବ ପ୍ରଭାବରେ ପୁରୀରେ ବର୍ଷା-ପବନ ଜାରି ରହିଛି। ପ୍ରବଳ ପବନ ଯୋଗୁ ଶ୍ରୀମନ୍ଦିର ନୀଳଚକ୍ର ପତିତପାବନ ବାନାରେ ପଡ଼ିଲା ଶୂନ୍ୟ ଗଣ୍ଠି। ଶ୍ରୀମନ୍ଦିର ନୀଳଚକ୍ରରେ ଲାଗୁଥିବା ପତିତପାବନ ବାନାରେ ଶୂନ୍ୟ ଗଣ୍ଠି ପଡ଼ିଥିବା ଦେଖିବାକୁ ମିଳିଛି। ବାତ୍ୟା ଅର୍ଣ୍ଣବ ପ୍ରଭାବରେ ପ୍ରବଳ ପବନ ଯୋଗୁଁ ପତିତପାବନ ବାନାରେ ଶୂନ୍ୟ ଗଣ୍ଠି ପଡ଼ିଥିବା ଅନୁମାନ କରାଯାଉଛି। ବାତ୍ୟା ଅର୍ଣ୍ଣବ ର ପ୍ରଭାବ ଯୋଗୁଁ ପୁରୀରେ ବୁଧବାର ବର୍ଷା ଓ ପବନ ଲାଗି ରହିଥିବା ବେଳେ ପତିତପାବନ ବାନାରେ ଶୂନ୍ୟ ଗଣ୍ଠି ଦେଖିବାକୁ ମିଳିଛି। ତେବେ ଏହି ଶୂନ୍ୟ ଗଣ୍ଠି ଶୁଭ ବୋଲି ବିଶ୍ୱାସ ରହିଛି। ଶୂନ୍ୟ ଗଣ୍ଠି ପଡ଼ିଥିବା ଏହି ପତିତପାବନ ବାନାକୁ ଗୃହରେ ରଖିଲେ ଶୁଭ ହୋଇଥାଏ। ସମସ୍ତ ରୋଗବ୍ୟାଧି ଦୂରେଇ ଯାଏ ବୋଲି ବିଶ୍ୱାସ ରହିଛି ।

### ହାଇକୋର୍ଟରେ ସରପଞ୍ଚ ଚାମେଲୀ ଓଝାଙ୍କୁ ଆଶ୍ୱସ୍ତି

# ଅନାସ୍ଥା ପ୍ରସ୍ତାବ ଅସିଦ୍ଧ ଘୋଷିତ

**କଟକ, ୨୮/୧୦ ନ୍ୟୁଜ ବ୍ୟୁରୋ**

ସରପଞ୍ଚ ଚାମେଲୀ ଓଝାଙ୍କୁ ହାଇକୋର୍ଟରୁ ମିଳିଛି ବଡ଼ ଆଶ୍ୱସ୍ତି। ତାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବକୁ ଅସିଦ୍ଧ ଘୋଷଣା କରିଛନ୍ତି ହାଇକୋର୍ଟ। ଏହି ରାୟ ପରେ ଚାମେଲୀ ଓଝାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବକୁ ନେଇ ଚାଲିଥିବା ବିବାଦରେ ନୂଆ ମୋଡ଼ ଆସିଛି। ସୂଚନା ଅନୁଯାୟୀ, ଚାମେଲୀ ଓଝାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା। ତେବେ ଏହି ପ୍ରସ୍ତାବ ଆଣିବା ଓ ଏହାର ପ୍ରକ୍ରିୟାକୁ ନେଇ



ସେ ଆପତ୍ତି ଉଠାଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଚାମେଲୀ ଓଝା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି ସମୟରେ ହାଇକୋର୍ଟ ତାଙ୍କ ଆବେଦନର ବିଚାର କରି ଚାମେଲୀ ଓଝାଙ୍କ ସପକ୍ଷରେ ରାୟ ଦେଇଛନ୍ତି। ଏଥିସହ ତାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବକୁ ଅସିଦ୍ଧ ଘୋଷଣା କରାଯାଇଛି। ହାଇକୋର୍ଟଙ୍କ ଏହି ରାୟ ଚାମେଲୀ ଓଝାଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ଭାବେ ଦେଖାଯାଉଛି। ତେବେ ଏହି ମାମଲାରେ ଅନାସ୍ଥା ପ୍ରସ୍ତାବ ସହ ଜଡ଼ିତ ସମ୍ପୂର୍ଣ୍ଣ ତଥ୍ୟ ଓ ପରବର୍ତ୍ତୀ ପ୍ରଶାସନିକ ପଦକ୍ଷେପ ସମ୍ପର୍କରେ ଅଧିକ ବିବରଣୀ ମିଳିବା ବାକି ରହିଛି।

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com